ଆଜି - ଗୁରୁବାର
ତାରିଖ - ୧୭ ସେପ୍ଟେମ୍ବର ୨୦୨୬
ମାସ - କନ୍ୟା, ଦିନ - ୦୧
ତିଥି - ଷଷ୍ଠୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର -ଅନୁରାଧା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୭: ୦୦
ସୂର୍ଯ୍ୟାସ୍ତ - ୫ : ୪୪ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com



ପବିତ୍ର ବିଶ୍ୱକର୍ମା ପୂଜାର ଶୁଭେଚ୍ଛା ଓ ଅଭିନନ୍ଦନ ।

E-News : www.Ajikali epaper.com

Vol.- 41 ISSUE- 155 R.N.I. REGD. No. 44026/86 ବାଲେଶ୍ୱର ୧୭ ସେପ୍ଟେମ୍ବର ୨୦୨୬ ଗୁରୁବାର BALASORE 17 SEPTEMBER 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଆଜି ନୂଆଦିଲ୍ଲୀଠାରେ ସେମିକନ୍ ଇଣ୍ଡିଆ ୨୦୨୬ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ ସେପ୍ଟେମ୍ବର ୨୦୨୬ ସକାଳ ପ୍ରାୟ ୧୦ଟା ସମୟରେ ନୂଆଦିଲ୍ଲୀର ଯଶୋଭୂମିଠାରେ 'ସେମିକନ୍ ଇଣ୍ଡିଆ ୨୦୨୬' ର ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ମଧ୍ୟ ସମ୍ବୋଧିତ କରିବେ । ୧୭ ରୁ ୧୯ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନି ଦିନିଆ ସମ୍ମିଳନୀ ଓ ପ୍ରଦର୍ଶନୀ 'ସିଲିକନ୍ ଟୁ ସିଷ୍ଟମ୍ସ: ବିଲ୍ଡିଂ ଦ ଇକୋସିଷ୍ଟମ୍' ବିଷୟବସ୍ତୁ ଉପରେ ଆଧାରିତ ହେବ । ଏହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ମୂଲ୍ୟ ଶୃଙ୍ଖଳା ସହ ଜଡ଼ିତ ବିଶ୍ୱସ୍ତରୀୟ ଓ ଭାରତୀୟ କମ୍ପାନୀ, ନୀତି ନିର୍ଦ୍ଧାରକ, ନିବେଶକ, ଗବେଷକ, ଷ୍ଟାର୍ଟଅପ୍, ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରିବ । ଏହି ସମ୍ମିଳନୀ ଭାରତରେ ସହଯୋଗ, ନିବେଶ, ନବାଚାର ଏବଂ ପ୍ରତିଭା ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିବ । ସମାନ୍ତରାଳ ଅଧିବେଶନଗୁଡିକ ମଧ୍ୟରେ ଡିସ୍ ?ପ୍ଲେ ଶିଳ୍ପରେ ଅଗ୍ରଗତି,



ସହଯୋଗ ଓ ମିଳିତ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଛଅଟି ଦେଶର 'ରାଉଣ୍ଡଟେବଲ୍ ବୈଠକ ଏବଂ ମହିଳା ନେତୃତ୍ୱ ଉପରେ ଏକ ଫୋରମ୍ ଆଦି ଅନ୍ତର୍ଭୁକ୍ତ ରହିବ । 'ସେମିକନ୍ ଇଣ୍ଡିଆ ୨୦୨୬' ଏକ ବ୍ୟାପକ ମୂଲ୍ୟ-ଶୃଙ୍ଖଳା ଦୃଷ୍ଟିକୋଣ ଗ୍ରହଣ କରିବ, ଯେଉଁଥିରେ ସେମିକଣ୍ଡକ୍ଟର ସାମଗ୍ରୀ, ଉପକରଣ ଏବଂ ଚିପ୍ ଡିଜାଇନ୍‌ଠାରୁ ଆରମ୍ଭ କରି ଫ୍ୟାବ୍ରିକେସନ୍, ଉନ୍ନତ ପ୍ୟାକେଜିଂ, ଇଲେକ୍ଟ୍ରୋନିକ୍ସ ଏବଂ ସିଷ୍ଟମ୍ ପର୍ଯ୍ୟନ୍ତ ଯାତ୍ରା ପ୍ରଦର୍ଶିତ ହେବ । ନୂତନ 'ସ୍ୟାଣ୍ଡ୍ ଟୁ ସିଲିକନ୍ ଟୁ ସିଷ୍ଟମ୍ସ' ମୂଲ୍ୟ ଶୃଙ୍ଖଳା ଅଭିଜ୍ଞତା କାର୍ଯ୍ୟକ୍ରମ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ମଧ୍ୟରେ ଏହି ଯାତ୍ରାକୁ ଉପସ୍ଥାପନ କରିବ । ସେମିକନ୍ ଇଣ୍ଡିଆ ୨୦୨୬ରେ ୬୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ ଏବଂ ଏଥିରେ ପ୍ରାୟ ୫୦,୦୦୦ ଦର୍ଶକଙ୍କ ସମାଗମ ହେବାର ଆଶା କରାଯାଉଛି । ଏଥିରେ ୫୨ଟି ଦେଶର ପ୍ରତିନିଧି, ୪୦୦ରୁ ଅଧିକ ବରିଷ୍ଠ ଅଧିକାରୀ ଏବଂ ୧୫୦ରୁ ଅଧିକ ବକ୍ତା ସାମିଲ ହେବେ । ଏହି ପ୍ରଦର୍ଶନୀରେ ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ନେଦରଲ୍ୟାଣ୍ଡ, ସିଙ୍ଗାପୁର ଓ ସ୍ୱିଡେନର ପ୍ରତିନିଧିତ୍ୱ କରୁଥିବା ଛଅଟି କଂଟ୍ରି ପାଭିଲିଅନ୍ ସହିତ ୧୨ଟି ରାଜ୍ୟସ୍ତରୀୟ ବୁଥ୍, ଏକ ଷ୍ଟାର୍ଟଅପ୍ ପାଭିଲିଅନ୍, ଇନୋଭେସନ୍ ଶୋ-କେସ୍, ଷ୍ଟୁଡେଂଟ୍ ହ୍ୟାକାଥନ୍ ଏବଂ କର୍ମଜୀବୀ ବିକାଶ ପାଭିଲିଅନ୍ ରହିବ ।

## ସମ୍ବଲପୁରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ସମ୍ବଲପୁର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ଆଜି ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍‌ଲର ପାଣିପାଗ ରାଡାର୍ ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ କହିଥିଲେ ଯେ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର





ଆଂଚଳିକ ପରିଚୟର ଗୌରବ । ଆଜି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି । ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ । ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍ ?ର ଶୁଭାରମ୍ଭ କରିଥିଲେ । ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଇଗଜଟଞ୍ଜ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି । ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା । ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍ ?କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ JSW-JFE ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି । ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି । କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି ।







# ବାଲେଶ୍ୱର ଜିଲ୍ଲା ଭାଜପାର ସାଂଗଠନିକ ପ୍ରଥମ କାର୍ଯ୍ୟକାରିଣୀ ବୈଠକ






ବାଲେଶ୍ୱର(ନିପ୍ର) : ଭାରତୀୟ ଜନତା ପାର୍ଟିର ସାଂଗଠନିକ ଜିଲ୍ଲା ବାଲେଶ୍ୱରର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ମାନନୀୟ ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭେନିଆ ପାରାଡାଇଜ୍ ?ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ମଣ୍ଡଳର ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ବୈଠକ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସକାଳ ୯ଟାରୁ ଆରମ୍ଭ ହୋଇ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ ସହିତ ବୈଠକର ଔପଚାରିକ ଶୁଭାରମ୍ଭ ହୋଇଥିଲା । ଅତିଥି ପରିଚୟ ଓ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକାରିଣୀ ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକକୁ ମାନନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍ ?ଘାଟନ କରିଥିଲେ । ନିଜ ଅଭିଭାଷଣରେ ସେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ବର୍ତ୍ତମାନର ରାଜନୈତିକ ଓ ସାମାଜିକ ପରିସ୍ଥିତିରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ସ୍ଥାନୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ଼ କରିବା, ଜନସାଧାରଣଙ୍କ ନିକଟରେ ସକ୍ରିୟ ରହିବା ଏବଂ ଦଳର ନୀତି ଓ ଚିନ୍ତାଧାରାକୁ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ସେ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ନିଜ ଅଭିଭାଷଣରେ ସମସ୍ତ ଅତିଥି, ବିଭିନ୍ନ ମୋର୍ଚ୍ଚାର ପଦାଧିକାରୀ, କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସମସ୍ତଙ୍କ ସାମୂହିକ ପ୍ରୟାସ ଓ ଏକତ୍ରିତ ହୋଇ କାର୍ଯ୍ୟ କରିବା ଦ୍ୱାରା ସଂଗଠନ ନିରନ୍ତର ପ୍ରଗତିର ପଥରେ ଆଗେଇ ଚାଲିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ଏକତା ବଜାୟ ରଖି ସଂଗଠନକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଥିଲେ । ଦ୍ୱିତୀୟ ଅଧିବେଶନରେ ଜିଲ୍ଲାର ସାଧାରଣ ସମ୍ପାଦକ ପଶୁରାମ ପରିଡ଼ାଙ୍କ ଦ୍ୱାରା ବିଗତ ଦିନରେ ଦେହାନ୍ତ ହୋଇଥିବା କାର୍ଯ୍ୟକର୍ତ୍ତା ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ଜିଲ୍ଲା ପ୍ରଭାରୀ ଗୌତମ ରାୟ ଆଗାମୀ ଦିନର କାର୍ଯ୍ୟଯୋଜନା ଓ ସାଂଗଠନିକ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ ସଂଗଠନର ଆଗାମୀ କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ପରବର୍ତ୍ତୀ ଅଧିବେଶନରେ ସ୍ଥାନୀୟ ବିଧାୟକ ମାନସ ଦତ ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ନେଇ ଦଳର ରଣନୀତି ଏବଂ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ସେହିପରି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସମବାୟ ନିର୍ବାଚନ ସମେତ ଆଗାମୀ ନିର୍ବାଚନରେ କିପରି ସାଂଗଠନିକ ଭାବେ ପ୍ରସ୍ତୁତି ନିଆଯିବ, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ତୃତୀୟ ଅଧିବେଶନରେ ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଓ ଉପଲବ୍ଧି ପାଇଁ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବକୁ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା ସମର୍ଥନ କରିଥିଲେ । ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ରାଜ୍ୟ ସରକାରଙ୍କ କାର୍ଯ୍ୟ ଓ ଉପଲବ୍ଧି ପାଇଁ ଧନ୍ୟବାଦ ପ୍ରସ୍ତାବ ରଖିବା ସହ ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ସମ୍ପର୍କରେ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ପ୍ରସ୍ତାବ ଦୁଇଟିକୁ ଯଥାକ୍ରମେ ଜିଲ୍ଲା ସମ୍ପାଦିକା ସୁଭଦ୍ରା ପାଢ଼ୀ ଓ ଜିଲ୍ଲା ଉପସଭାପତି ବିଜୟ ସାହୁ ସମର୍ଥନ କରିଥିଲେ । ଜିଲ୍ଲା ଉପସଭାପତି ଗୌରାଙ୍ଗ ଦାସ ମାନନୀୟ ସାଂସଦ ଓ ଜିଲ୍ଲାର ବିଧାୟକମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଓ ବିକାଶମୂଳକ ପଦକ୍ଷେପର ବିବରଣୀ ପାଠ କରିବା ସହ ସେମାନଙ୍କ ପ୍ରତି ଧନ୍ୟବାଦ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବକୁ ଜିଲ୍ଲା ସମ୍ପାଦକ ବଳରାମ ବିଶ୍ୱାଳ ସମର୍ଥନ କରିଥିଲେ । ସମାପନୀ ଅଧିବେଶନରେ ମାନନୀୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରସରାଜ୍ୟ ସରକାରଙ୍କ ବିଭିନ୍ନ ଉପଲବ୍ଧି ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆଗାମୀ କାଲି ଠାରୁ ଏକମାସ ବ୍ୟାପି ଜିଲ୍ଲାରେ ହେବାକୁ ଥିବା ସେବାକାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିସହ ଜିଲ୍ଲାରେ ସାଂଗଠନିକ କାର୍ଯ୍ୟ କଳାପକୁ ଆହୁରି ସୁଦୃଢ଼ ଓ ପ୍ରଭାବଶାଳୀ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବା ଆବଶ୍ୟକ, ସେ ସମ୍ପର୍କରେ ସେ କାର୍ଯ୍ୟକର୍ତ୍ତା ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଏହାସହିତ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ସାଧାରଣ ସମ୍ପାଦକ ଅଂଶୁମାଧବ ପଣ୍ଡା ମଂଚାସିନ ଥିଲେ, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା ମଂଚ ଆହ୍ୱାନ କରିଥିବା ବେଳେ ସମଗ୍ର ସତ୍ରକୁ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ପରିଚାଳନା କରିଥିଲେ । ଏହିପରି ଭାବେ ସଂଗଠନକୁ ଆହୁରି ସୁଦୃଢ଼ କରିବା, କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଦିଗ୍‌ଦର୍ଶନ ଦେବା ଏବଂ ଆଗାମୀ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାର ସଂକଳ୍ପ ସହ ଭାଜପା ସାଂଗଠନିକ ଜିଲ୍ଲା ଭଦ୍ରେଶ୍ୱରର ପ୍ରଥମ କାର୍ଯ୍ୟ କାରିଣୀ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଥିଲା । ସର୍ବଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭସାଣୀ ପାଇଁ ଅମର ଜ୍ୟୋତି କ୍ଲବ୍‌ର ବ୍ୟାପକ ପ୍ରସ୍ତୁତି



ବାଲେଶ୍ୱର(ନିପ୍ର) : ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ କଂଗ୍ରେସ୍ ଅଫିସ୍ ଗଳିରେ ଗତ ୧୪ ତାରିଖରୁ ଅମର ଜ୍ୟୋତି କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଥିବା ଗଣେଶ ପୂଜା ଧୁମ୍ ଧାମରେ ପାଳିତ ହୋଇଥିବାବେଳେ ଆସନ୍ତା ୧୮ ତାରିଖ ଶୁକ୍ରବାର ଗଣେଶ ମହାପ୍ରଭୁଙ୍କ ଭସାଣି ଉତ୍ସବ ବାଦ୍ୟ ଘଂଟା, କଂସାଳ ମାଧ୍ୟମରେ କ୍ଲବ୍‌ର କର୍ମକର୍ତ୍ତାଙ୍କୁ ନେଇ ଭସାଣୀ ଉତ୍ସବ ପାଳନ ହେବ ବୋଲି ଅନୁଷ୍ଠାନର ସଭାପତି ବିଷ୍ଣୁ ବେହେରା ସୂଚନା ଦେଇଛନ୍ତି ।

## ନୃତ୍ୟ ଶିଖା ପକ୍ଷରୁ ନୂଆ ଖାଇ ଭେଟଘାଟ ଅନୁଷ୍ଠିତ



ଜଳେଶ୍ୱର(ନିପ୍ର) ଜଳେଶ୍ୱର ଅଂଚଳର ପ୍ରତିଷ୍ଠିତ ଅନୁଷ୍ଠାନ ନୃତ୍ୟ ଶିଖା ପକ୍ଷରୁ ହର୍ଷ ଉଲ୍ଲାସରେ ନୂଆ ଖାଇ ଭେଟଘାଟ ନୃତ୍ୟ ଉତ୍ସବ ପାଳିତ ହୋଇ ଯାଇଛି । ମଙ୍ଗଳବାର ନୂଆ ବଜାର ଖୁସି ପ୍ଲାଜା ଠାରେ ଆୟୋଜିତ ଉତ୍ସବକୁ ଅନୁଷ୍ଠାନ ର ପ୍ରତିଷ୍ଠାତା ନୃତ୍ୟ ଗୁରୁ ସୁଶାନ୍ତ ବେହେରା ସଂଚାଳନ କରିଥିଲେ । କାର୍ଯ୍ୟକ୍ରମ କୁ ବିଶିଷ୍ଟ ଅତିଥି ଭାବେ ଇସ୍କନ ମହନ୍ତ ହେମହରି ବ୍ରହ୍ମଚାରୀ ହରୋବଲ ନାମ ସଙ୍କୀର୍ତ୍ତନ ମାଧ୍ୟମରେ ଉଦଘାଟନ କରିଥିଲେ । ଅନ୍ୟ ଅତିଥି ମଧ୍ୟରେ ସମାଜସେବୀ ରାଜେଶ ଖଟୁଆ, ଜୀବନ ବୀମା ଡିଓ ସୁରେଶ କୁମାର ଦାସ, ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, କାଉନସିଲର ଚନ୍ଦନ କୁମାର ଦାସ, ସମାଜସେବୀ ଗିରିଜା ଶଙ୍କର ଦାସ, ଯୁବମଂଚର ରାମାୟଣ ଦାସ ପ୍ରମୁଖ ମଂଚାସୀନ ହୋଇ ଉତ୍କଳୀୟ ସଂସ୍କୃତି ପରମ୍ପରା ଏକତା ସୃଷ୍ଟି କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ମାନସରେ ଉଲ୍ଲାସ ଭରିଦିଏ ବୋଲି ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭ ରେ ମା ସମଲେଶ୍ୱରୀ ଙ୍କ ପୂଜାର୍ଚ୍ଚନା ସହିତ ନବାନ୍ନ ଭୋଗ ଲାଗି ହୋଇଥିଲା । ପରମ୍ପରା ଅନୁସାରେ ନୂଆ ଖାଇ ଭେଟଘାଟ ସହ ସାନ ମାନେ ଗୁରୁଜନଙ୍କ ଠାରୁ ଆଶିର୍ବାଦ ଗ୍ରହଣ କରିଥିଲେ । ରଙ୍ଗାରଙ୍ଗ ଡାଲା ଖାଇ ନୃତ୍ୟ ରୁ ଆରମ୍ଭ ହୋଇ ବିଭିନ୍ନ ସମ୍ବଲପୁର, ଓଡ଼ିଶୀ, ଗଣେଶ ବନ୍ଦନା, ମହାକାଳୀ ତାଣ୍ଡବ ଇତ୍ୟାଦି ପାରମ୍ପାରିକ ନୃତ୍ୟ ପରିବେଷଣ ହୋଇଥିଲା । ସ୍ୱାଧିନତା ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା ରେ ଭାଗ ନେଇଥିବା କୃତି ଛାତ୍ର ଛାତ୍ରୀ ଙ୍କୁ ରାଜ ଇଲେକ୍ଟ୍ରୋନିକ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଜନ୍ମାଷ୍ଟମୀ ରେ ଇସ୍କନ ପରିସରରେ ହୋଇଥିବା କୃଷ୍ଣ ବେଶ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା କୁନି ଶିଳ୍ପୀଙ୍କୁ ଓମ୍ ସ୍ପୋର୍ଟସ ଏଣ୍ଡ ଗିଫିଟ ପକ୍ଷରୁ ପୁରସ୍କୃତ କରାଯାଇ ଥିଲା । ଏହା ସହିତ ନୃତ୍ୟ ଶିକ୍ଷା ଫାଉଣ୍ଡେସନର ବାର୍ଷିକ ପରୀକ୍ଷା ରେ ସମସ୍ତ ନୃତ୍ୟ ଶିଳ୍ପୀ ଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ଜାତୀୟ ଇଞ୍ଜିନିୟର୍ସ ଦିବସ ପାଳିତ



ବାଲେଶ୍ୱର(ନିପ୍ର) : ଭାରତରତ୍ନ ସାର୍ ଡ. ଏମ୍. ବିଶ୍ୱଶ୍ୱରାୟାଙ୍କ ୧୬୫ତମ ଜନ୍ମଦିନ ତଥା ଜାତୀୟ ଇଞ୍ଜିନିୟର୍ସ ଦିବସ ଅବସରରେ ବାଲେଶ୍ୱର ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ ଓଟି ରୋଡ୍ ସ୍ଥିତ ସ୍ଥାନୀୟ ସଭାଗୃହ ଠାରେ ପାଳିତ ହୋଇଯାଇଛି । ସନ୍ଧ୍ୟାର ସାଧାରଣ ଅଧିବେଶନରେ ଅନୁଷ୍ଠାନର ସଭାପତି ଇଂ. ସୁଗତ ବୋଷ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ନିରଞ୍ଜନ ରାଉତ, ସମ୍ମାନିତ ଅତିଥିଭାବେ ଚ୍ୟାମ୍ବର ଅଫ କମର୍ସ ଇଂ ସଞ୍ଜୟ କୁମାର ଦାସ ଯୋଗଦେଇ ଦେଶ ନିର୍ମାଣରେ ଇଞ୍ଜିନିୟର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଫୋରମ୍‌ର ସଂପାଦକ ଇଂ. ଡ. ହୃଷିକେଶ ସାହୁ ସଂଗଠନର ବିବରଣୀ ପାଠ କରିଥିଲେ । ସଭାକାର୍ଯ୍ୟ ଆରମ୍ଭରେ ମଂଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ । ଏହି ଅବସରରେ ସଂଗଠନ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଶିଷ୍ଟ ସେବା ସମ୍ମାନରେ ଇଂ. ସୁରେନ୍ଦ୍ର ନାଥ ଦାସ ଓ ଇଂ. ପ୍ରତାପ ଚନ୍ଦ୍ର ନାୟକଙ୍କୁ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରିଥିଲେ । ସତ୍ୟରଞ୍ଜନ ମହାନ୍ତି ଓ ତାଙ୍କର ସାଥୀମାନେ ସ୍ୱାଗତସଂଗୀତ ଗାନ କରିଥିଲେ । ଇଂ. ଶ୍ୟାମସୁନ୍ଦର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ । ଉପସଭାପତି ଇଂ. ଶଶାଙ୍କ ଶେଖର ଦେ ଇଞ୍ଜିନିୟର ବିଶ୍ୱେଶ୍ୱରାୟାଙ୍କ ଜୀବନୀ ଓ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଇଞ୍ଜିନିୟରିଂ ଶିକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସଂଗଠନର ଉପସଭାପତି ଇଂ ଅନନ୍ତ ନାରାୟଣ ବିଶୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଦିବା ସମୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବାଲେଶ୍ୱର ପୂର୍ତ୍ତବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ମାନସ ରଞ୍ଜନ ସେଠୀ ଉଦ୍‌ଘାଟ ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୫୮ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସିମେଂଟ୍ ଓ ଷ୍ଟିଲ୍ କମ୍ପାନୀମାନଙ୍କର ଉତ୍ପାଦନ ଦ୍ରବ୍ୟର ଏକ ସୁନ୍ଦର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ମାନଙ୍କର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରୋଜେକ୍ଟ ଓ ମଡେଲଗୁଡ଼ିକ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ଇଂ. ସୁକୁମାର ନାୟକ, ଇଂ. ନରନାରାୟଣ ପାଣିଗ୍ରାହୀ, ଇଂ. ଶ୍ୟାମସୁନ୍ଦର ମିଶ୍ର,ଇଂ. ଶ୍ରୀନିବାସ ଦେ, ଇଂ. ବିଜୟ କୁମାର ଦାସ, ଇଂ. ସନ୍ତୋଷ କୁମାର ଦାସ, ଇଂ. ଚିତରଞ୍ଜନ ପାତ୍ର , ଇଂ.ନିର୍ମଳ କୁମାର ପରିଡା, ଇଂ. ମାନସ କୁମାର ସାହୁ, ଇଂ.ସୁଦର୍ଶନ ଘଡ଼ାଇ ଓ ଇଂ. ମାନସ କୁମାର ଦାସ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

# ଉତାଳ ଜନସମୁଦ୍ର ମଧ୍ୟରେ ଗଣପତି ପାପା ମୋରିଆଙ୍କ ଭସାଣି ଉତ୍ସବ ଆରମ୍ଭ










ବାଲେଶ୍ୱର(ନିପ୍ର) : ଗତ ୧୪ ତାରିଖ ଠାରୁ ବାଲେଶ୍ୱର ଜିଲ୍ଲା ସମେତ ସହରରେ ଆରମ୍ଭ ହୋଇଥିବା ବୁଦ୍ଧି ଦାତା ଗଣେଶ ମହାପ୍ରଭୁଙ୍କ ପୂଜା କାର୍ଯ୍ୟ ସମାପ୍ତି ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନୀତି ନିୟମ ଅନୁଯାୟୀ ଆରମ୍ଭ ହୋଇଛି ପ୍ରଥମ ଭସାଣୀ ଉତ୍ସବ । ୧୬ ତାରିଖ ଅପରାହ୍ନରୁ ବାଲେଶ୍ୱର ସିନେମା ଛକ ଠାରୁ ଉତାଳ ଜନସମୁଦ୍ର ମଧ୍ୟରେ ଗଣପତି ପାପା ମୋରିଆଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇଛି । ବାଲେଶ୍ୱର ର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥର ୧୬ ତାରିଖ, ୧୮ ତାରିଖ, ୨୦ ତାରିଖ ତିନୋଟି ପର୍ଯ୍ୟାୟରେ ଭସାଣି ଉତ୍ସବ ବାଲିଘାଟ ଏବଂ ନୁଣିଆଯୋଡ଼ି ଠାରେ ଅନୁଷ୍ଠିତ ହେବ । ଏଥର ମୋଟ ୧୫୭ ଗୋଟି ମେଢ଼ ପୂଜା ହୋଇଥିବାବେଳେ ଏମାନେ ସମସ୍ତେ ସିଙ୍ଗେଲ ଓ୍ୱିଣ୍ଡୋ ମାଧ୍ୟମରେ ଏନ୍‌ଓସି ନେଇଛନ୍ତି । ଫଳ ସ୍ୱରୂପ ୧୬ ତାରିଖ ଦିନ ସାଇଲେନ୍ସ ଜୋନରେ ପୂଜା ପାଉଥିବା ମେଢ଼ଗୁଡ଼ିକ ମଧ୍ୟରୁ ୧ରୁ ୪୬ ଗୋଟି ମେଢ଼ କ୍ରମାନ୍ୱୟରେ ଡାକ୍ତରଖାନା, ଟାଉନ ହଲ ରୋଡ଼, ବେବିଲେନ୍ ରୋଡ଼ ଅଂଚଳରୁ କ୍ରମାନ୍ୱୟରେ ନମ୍ବରିଂ ମାଧ୍ୟମରେ ଏହି ସବୁ ମେଢ଼ ଗୁଡ଼ିକ ସିଦ୍ଧାସଲଖ ଟାଉନ ଥାନା ଦେଇ ବାଲିଘାଟ ଠାରେ ବିସର୍ଜନ ହେବ । ସେହିପରି ଆସନ୍ତା ୧୮ ତାରିଖ ଦିନ ୪୭ରୁ ୮୮ ମୋଟ ୪୧ଗୋଟି ମେଢ଼ ବାଲିଘାଟ ଠାରେ ବିସର୍ଜନ ହେବାକୁ ଥିବାବେଳେ ଆସନ୍ତା ୨୦ ତାରିଖରେ ବାଲିଘାଟରେ ୧୨ ଗୋଟି ମେଢ଼ ଭସାଣି କରାଯିବ । ସେହିପରି ଅନ୍ୟ ମେଢ଼ଗୁଡ଼ିକ ନୁଣିଆଯୋଡ଼ି ଓ କେତେକ ସ୍ଥାନୀୟ ଅଂଚଳର ପୋଖରୀରେ ବିସର୍ଜନ ହେବ । ସିନେମା ଛକ ଠାରେ ପୋଲିସ୍ ବିଭାଗ ପକ୍ଷରୁ କଂଟ୍ରୋଲ ରୁମ୍ ଖୋଲାଯାଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅତିରକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ପ୍ରମୋଦ କୁମାର ମଲ୍ଲିକ, ପରେଶ ରାଉତ, ଦେବଜ୍ୟୋତି ଦାଶ, ନିବେଦିତା ସୋରେନ, ମମତା ସିଂ, ପ୍ରଜ୍ଞା ମହାନ୍ତି, ବିଜୟ ଦାସ, ଆଲୋକ ବେହେରାଙ୍କ ସମେତ ୪ଜଣ ଏଏସ୍‌ପି, ୮ ଜଣ ଡିଏସ୍‌ପି, ୮ ଜଣ ଏସ୍‌ଆଇ, ଏଏସ୍‌ଆଇ ଙ୍କ ସମେତ ୧୫ ପ୍ଲାଟୁନ ପୋଲିସ୍ ଫୋର୍ସ, ୨୨୨୮ ଜଣ ହୋମଗାର୍ଡ଼ ନିଯୁକ୍ତ ହୋଇଥିବାବେଳେ ମେଢ଼ କମିଟିର କର୍ମକର୍ତ୍ତାଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି । ଯାହା ହେଉନା କାହିଁକି ଏ ବର୍ଷ ଦୁର୍ଗାପୂଜା ଠାରୁ ଗଣେଶ ପୂଜା ମେଢ଼ ଦେଖିବା ପାଇଁ ଓ ଭସାଣି ଉତ୍ସବରେ ଅନୁକୂଳ ପାଗ ଯୋଗୁଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ୧୯ଦିନ ଧରି ବସ୍ ଚଳାଚଳ ବନ୍ଦ

ଖଇରା(ନିପ୍ର) : ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝରକୁ ସଂଯୋଗ କରୁଥିବା କୁପାରୀ-ଆଗରପଡା ରାସ୍ତାର ରାମପୁର ଛକ ନିକଟରେ ଥିବା ପୁରୁଣା ପୋଲ ଧସିବା ପରେ ଏହାକୁ ସଠିକ ଭାବେ ମରାମତି କରାଯାଉ ନ ଥିବାରୁ ଭାରିଯାନ ଚଳାଚଳ ସ୍ୱାଭାବିକ ହୋଇ ପାରୁନାହିଁ । ଏଣୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସମସ୍ତ ଭାରିଯାନ ବିଶେଷ ଭାବେ ବସ ଚଳାଚଳ ୧୯ଦିନ ଧରି ବନ୍ଦ ରହିଥିବା କାରଣରୁ ଯାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ପ୍ରଶାସନ ଜାଣିଶୁଣି ବସ ଚଳାଚଳକୁ ବନ୍ଦ ରଖିଥିବାରୁ ବର୍ତନା, ରଟିଣା, ହରିପୁର, ବଡନୁଆଗାଁ ଇତ୍ୟାଦି ପଂଚାୟତର ଲୋକେ ରାସ୍ତା ଅବରୋଧ ପାଇଁ ଚେତାବନୀ ଦେଇଛନ୍ତି । ଆମ୍ବହତା କେନାଲ ଉପରେ ନିର୍ମିତ ପୂର୍ତ୍ତ ବିଭାଗର ଏହି ପୋଲ ଗୋଟ ପାର୍ଶ୍ୱ ଅଗଷ୍ଟ ୨୭ତାରିଖରେ ଧସିପଡିବା ପରେ ପୂର୍ତ୍ତବିଭାଗ ମିଳିତ ପ୍ରଚେଷ୍ଟା ରେ ବାଲିବସ୍ତା ଓ ବାଉଁଶ ମାଧ୍ୟମରେ କାମଚଳା କରାଯାଇଥିଲା । ଏଣୁ ବର୍ତମାନ ପୋଲ ବିପଦ ସଙ୍କୁଳ ଥିବାରୁ କେବଳ ୨ଚକିଆ ଏବଂ ୪ଚକିଆ ହାଲୁକା ଯାନ ଯିବାକୁ ଅନୁମତି ଦିଆଯାଇଛି । ହେଲେ ବସ ଓ ଟ୍ରକ ଚଳାଚଳକୁ ସମ୍ପୁର୍ଣ୍ଣ ବନ୍ଦ ରଖାଯାଇଛି । ପୁର୍ବରୁ ଏହି ରାସ୍ତାଦେଇ ଭଦ୍ରକ ଓ କେନ୍ଦୁଝରର ବିଭିନ୍ନ ଅଂଚଳକୁ ପାଖାପାଖି ୨୦ଖଣ୍ଡ ବସ ଚଳାଚଳ କରୁଥିବା ବେଳେ ଏବେ ୧୯ଦିନ ଯାତ୍ରୀ ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଦୁରସ୍ଥାନକୁ ଯିବାକୁ ହଇହଙ୍ଗା ହେବାକୁ ପଡୁଛି । ଟ୍ରକ ଓ ହାଇଓ୍ୱା ଚଳାଚଳ ବନ୍ଦ ଥିବାରୁ ନିର୍ମାଣ କାର୍ଯ୍ୟ ସମ୍ପୁର୍ଣ୍ଣ ରୁପେ ବନ୍ଦ ହୋଇ ରହିଛି । ଗତ ୧୦ତାରିଖରେ ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପୋଲ ଧସିଥିବା ସ୍ଥାନ ପରିଦର୍ଶନ କରିବା ଅବସରରେ ସ୍ଥାନୀୟ ଜନସାଧାରଣ ମାନେ ସେମାନଙ୍କ ସମସ୍ୟା ଜଣାଇବା ପରେ ସେ ତୁରନ୍ତ ପୋଲ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଲମ୍ବୋଦର ନାୟକଙ୍କ ପ୍ରତିକ୍ରିୟା ନେବାରେ ପୋଲ ସଂଲଗ୍ନ ବ୍ୟକ୍ତିଗତ ଜମି ପୋଲ ନିର୍ମାଣ ଏବଂ ମରାମତି ପାଇଁ ସମସ୍ୟା ସୃଷ୍ଟି କରୁଛି । ଖୁବଶୀଘ୍ର ଏହାର ସମାଧାନ କରାଯାଇ ପୋଲର ପୁନର୍ନିର୍ମାଣ ପାଇଁ ଚେଷ୍ଟା କରାଯାଥିବା କହିଛନ୍ତି ।





# ଅଗ୍ରଣୀ ସିଇଓମାନଙ୍କ ସହ ସେମିକଣ୍ଡକ୍ଟର ଗୋଲଟେବୁଲ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥଠାରେ ଅଗ୍ରଣୀ ସିଇଓମାନଙ୍କ ସହ ସେମିକଣ୍ଡକ୍ଟର ଗୋଲଟେବୁଲ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଭାରତର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତକୁ ରୂପ ଦେବାରେ ସରକାର ଏବଂ ସେମିକଣ୍ଡକ୍ଟର ଶିଳ୍ପ ମଧ୍ୟରେ ଘନିଷ୍ଠ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଭାରତର ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଭିତିଭୂମିର ଦୃଢ଼ ମୂଳଦୁଆ ଉପରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା, ନବସୃଜନ ଏବଂ ଏଆଇ ଏବଂ କ୍ୱାଂଟମ କମ୍ପ୍ୟୁଟିଂ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଶିଳ୍ପମାନଙ୍କର ଅଧିକ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଥିଲେ । ଆର୍ଟିଫିସିଆଲ ଇଂଟେଲିଜେନ୍ସରେ ଏକ କୋଟି ଲୋକଙ୍କୁ ତାଲିମ ଦେବାର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଭାରତର ପ୍ରତିଭା ଭଣ୍ଡାର, ବିଶ୍ୱ ଶିଳ୍ପ ନେତୃବର୍ଗଙ୍କ ଅଭିଜ୍ଞତା ଏବଂ ସାମର୍ଥ୍ୟ ସହିତ ମିଶି ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିପାରିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଭାରତ ପ୍ରାରମ୍ଭିକ ନେତୃତ୍ୱ ନେବାରେ ଆଗ୍ରହୀ ହେବା ଉଚିତ । ସେମିକଣ୍ଡକ୍ଟର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ଦର୍ଶାଇ ସେ କହିଥିଲେ ଯେ ଇକୋସିଷ୍ଟମ୍ ବର୍ତମାନ ମୌଳିକ ପ୍ରୟାସରୁ ଅଧିକ ବ୍ୟାପକ ଏବଂ ସୁଯୋଗର ପର୍ଯ୍ୟାୟ ଆଡ଼କୁ ଗତି କରୁଛି । ପ୍ରଧାନମନ୍ତ୍ରୀ ଏକ ପୂର୍ବାନୁମାନଯୋଗ୍ୟ ଏବଂ ଉତରଦାୟୀ ନୀତି ପରିବେଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ବୈଷୟିକ ପ୍ରଗତି ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ ନୀତି ବିକଶିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଶିଳ୍ପପତିମାନଙ୍କୁ ନୀତିଗତ ଏବଂ ପ୍ରଶାସନିକ ପଦକ୍ଷେପ ଉପରେ ପରାମର୍ଶ ସେୟାର କରିବା ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି କ୍ଷେତ୍ରକୁ ଆହୁରି ମଜବୁତ କରିବା ପାଇଁ ସେମାନଙ୍କ ମତାମତ ଉପରେ ବିଚାର କରାଯିବ । ଭାରତର ସେମିକଣ୍ଡକ୍ଟର ଅଭିବୃଦ୍ଧିର ପରବର୍ତୀ ପର୍ଯ୍ୟାୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଲାଗି ସେ ଉଦ୍ୟୋଗ ଜଗତର ନେତୃବର୍ଗଙ୍କୁ ପ୍ରୋତ୍ସାହିତ କରିଥିଲେ । ଉତ୍ପାଦନ, ଡିଜାଇନ, ଭିତିଭୂମି ଏବଂ ପ୍ରତିଭା ବିକାଶ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରି ଭାରତର ସେମିକଣ୍ଡକ୍ଟର ସାମର୍ଥ୍ୟ ବିକାଶ ପାଇଁ ସରକାରଙ୍କ ନିରନ୍ତର ପ୍ରୟାସକୁ ସିଇଓମାନେ ପ୍ରଶଂସା କରିଥିଲେ । ଆଇଏସଏମ ୨.୦ ଅଧୀନରେ ସୃଷ୍ଟି ହେଉଥିବା ସୁଯୋଗ ଏବଂ ଉତ୍ପାଦନ, ଗବେଷଣା ଓ ବିକାଶ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ସହାୟକ ଶିଳ୍ପ ସମେତ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଦକ୍ଷତା ନିର୍ମାଣ କରିବାର ଭାରତର କ୍ଷମତା ଉପରେ ସେମାନେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ସହଯୋଗକୁ ପ୍ରଶଂସା କରି ସେମାନେ କହିଥିଲେ ଯେ ବିଗତ ବର୍ଷଗୁଡ଼ିକରେ ହାସଲ କରାଯାଇଥିବା ପ୍ରଗତି ଶିଳ୍ପ କ୍ଷେତ୍ରରେ ଅଧିକ ଅଂଶଗ୍ରହଣ ପାଇଁ ଏକ ସୁଦୃଢ଼ ମୂଳଦୁଆ ସୃଷ୍ଟି କରିଛି । ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ସେମିକଣ୍ଡକ୍ଟର ଏବଂ ଟେକ୍ନୋଲୋଜି ହବ୍ ଭାବେ ଭାରତର ଉତାନରେ ଯୋଗଦାନ ଦେବା ଲାଗି ସେମାନେ ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ । ଏହି ବୈଠକରେ ସେମି, ମାଇକ୍ରନ୍, ଇନଫିନିଅନ୍, ଆପ୍ଲାଏଡ୍ ମ୍ୟାଟେରିଆଲ୍ସ, ଏଏସ୍ଏମ୍ଏଲ୍, ମର୍କ, ଟୋକିଓ ଇଲେକ୍ଟ୍ରନ୍ ଲିମିଟେଡ୍, ଫୁଜିଫିଲ୍ମ, ଏଏମଡି, ଇଂଟେଲ୍, ଟାଟା ଇଲେକ୍ଟ୍ରୋନିକ୍ସ, ଲାମ୍ ରିସର୍ଚ୍ଚ, ରାପିଡସ୍, ଏନ୍ଏକ୍ସପି, ଫକ୍ସକନ୍, ସେମି କଣ୍ଡକ୍ଟର ଡିଭାଇସ୍, ଆଡଭାଂଟେଷ୍ଟ, ସେଲେଷ୍ଟା କ୍ୟାପିଟାଲ୍, ସିଜି ପାୱାର, ଆଇବିଏମ୍ ରିସର୍ଚ୍ଚ ସମେତ ବିଭିନ୍ନ ସଂସ୍ଥାର ସିଇଓ, ମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ତାଲା ପକାଇ ୨ ଲକ୍ଷ ଟଙ୍କାର ସମ୍ପତି ଲୁଟ

ଧାମନଗର(ନିପ୍ର) : ଧାମନଗର ଥାନା ଅନ୍ତର୍ଗତ ପଧାନୀ ପଂଚାୟତ ରାମରାକୁଳ ଗ୍ରାମରେ ଚୋରି ଅଭିଯୋଗ ହୋଇଛି । ଘରେ ପରିବାର ଲୋକ ଶୋଇଥିବା ବେଳେ ଦୁର୍ବୃତମାନେ ତଳ ମହଲାକୁ ବାହାରପଟୁ ତାଲା ପକାଇ ଉପର ମହଲା ରୁ ନଗଦ ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗକାରୀ ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ଏତଲା ଅନୁଯାୟୀ, ବନ୍ୟାପାଣି ଘରେ ପଶୁ ଥିବାରୁ ଘରର ମୂଲ୍ୟବାନ ସାମଗ୍ରୀ ଉପର ମହଲାରେ ରଖାଯାଇଥିଲା । ଶନିବାର ରାତିରେ ପରିବାର ଲୋକ ତଳ ମହଲାରେ ଶୋଇଥିଲେ । ରବିବାର ସକାଳେ ଉପର ମହଲାକୁ ଯାଇଥିବା ବେଳେ ଏକ ଘରର ତାଲା ଭଙ୍ଗା ଓ ଜିନିଷପତ୍ର ଏଣେତେଣେ ପଡ଼ିଥିବା ଦେଖିଥିଲେ । ଅଭିଯୋଗ ଅନୁଯାୟୀ, ଲୁଟେରାମାନେ ନଗଦ ୫୦ ହଜାର ଟଙ୍କା ସମେତ ଗୋଟିଏ ମଙ୍ଗଳସୂତ୍ର, ଦୁଇ ହଳ ଶଙ୍ଖା, ଦୁଇଟି ସୁନାମୁଦି, ଗୋଟିଏ ଚୁଡ଼ି ଓ ପ୍ରାୟ ୩୦ ଗ୍ରାମ ଓଜନର ସୁନାଚେନ୍ ଲୁଟି ନେଇଛନ୍ତି । ଚୋରି ସମ୍ପତିର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ବୋଲି ଏତଲାରେ ଦର୍ଶାଯାଇଛି । ଘଟଣା ସମ୍ପର୍କରେ ବିଶ୍ୱରଞ୍ଜନ ୧୩ ତାରିଖ ପୂର୍ବାହ୍ନରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ କେସ ନଂ. ୩୯୬/୨୦୨୬ ରେ ବିଏନ୍ଏସ ର ଧାରା ୩୩୧(୪) ଓ ୩୦୫(କ)ରେ ମାମଲା ରୁଜୁ କରିଛି । ଆଇଆଇସି ଶୁଭ୍ରଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ନାରାୟଣ ନାୟକ ଘଟଣାର ତଦନ୍ତ କରୁଛନ୍ତି । ବନ୍ୟା ସମୟରେ ଏଭଳି ଲୁଟ ଘଟଣାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଉଦ ବେଗ ପ୍ରକାଶ ପାଇଛି ।

# ପଂଚାୟତସ୍ତରୀୟ କଂଗ୍ରେସ କମିଟି ଗଠନ

ନୀଳଗିରି(ନିପ୍ର) : ନୀଳଗିରି ବ୍ଲକ ବେଗୁନିଆ ପଂଚାୟତ ସ୍ତରୀୟ କଂଗ୍ରେସ କମିଟି ଗଠନ କରାଯାଇଛି । କଂଗ୍ରେସ ସଂଗଠନ କୁ ସୁଦୃଢ଼ କରବା ପାଇଁ ନୀଳଗିରି ବ୍ଲକ ସଭାପତି ତଥା ସମାଜସେବୀ ତପନ କୁମାର ରାଉତ ଙ୍କ ଅଧ୍ୟକ୍ଷତା ରେ ଉକ୍ତ ପଂଚାୟତ ର କର୍ମୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ଶ୍ରୀ ରାଉତ ପଂଚାୟତ ର ସଂଗଠନ ବାବଦରେ ଆଲୋଚନା କରିବାକୁ ଯାଇ ବେଗୁନିଆ ପଂଚାୟତ ଦିନେ କଂଗ୍ରେସ ର ଏକ ଗଡ଼ଥିଲା ବୋଲି କହିବା ସହିତ ଆଜି ଏହି ପଂଚାୟତ ରେ କଂଗ୍ରେସ ସଂଗଠନ ଦୁର୍ବଳ ହେଇଯାଇଛି । ଅଭାବ ଓ ପଂଚାୟତ ର କର୍ମୀ ମାନଙ୍କୁ ଠିକ ଦାୟିତ୍ୱ ଦିଆଯାଇ ପାରୁନାହିଁ ଯାହା ମୁଖ୍ୟ କାରଣ । ବହୁ ଦିନ ଧରି ଉକ୍ତ ପଂଚାୟତ ରେ କଂଗ୍ରେସ କମିଟି ଗଠନ ହୋଇ ନଥିଲା । ଏଣୁ ଆମ୍ଭେ ଏକତ୍ରିତ ହୋଇଛୁ ଆଜି ଏକ କମିଟି କରିବା ପାଇଁ ବୋଲି କହିବା ପରେ, ବହୁ ମତ କ୍ରମେ ଉକ୍ତ ପଂଚାୟତ ର ସଭାପତି ଭାବେ ପୂର୍ବତନ ସରପଂଚ ଗୌରାଙ୍ଗ ନାୟକ, ଉପସଭାପତି ଭାବେ ଲକ୍ଷ୍ମୀଧର ମାଝୀ, ସମ୍ପାଦକ ଭାବେ ଭାଗିରଥି ବେହେରା, ସହ ସମ୍ପାଦକ ଭାବେ କରୁଣାକର ଗିରି ଓ ସମ୍ପାଦକ ରଶ୍ମିତା ମଲ୍ଲ, କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ନାୟକ ଙ୍କ ସମେତ ସମସ୍ତ ସଦସ୍ୟ ଙ୍କ ସହମତି ରେ ୩୫ଜଣିଆ କମିଟି ଗଠନ କରାଯାଇଛି ।

# ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗରେ ବିକ୍ରମ ପଣ୍ଡାଙ୍କ ନାମରେ ପୁଣି ମାମଲା ରୁଜୁ

ବ୍ରହ୍ମପୁର(ନିପ୍ର) : ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ବଢ଼ିଲା ଅଡୁଆ । ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନାରେ ବିକ୍ରମଙ୍କ ବିରୋଧରେ ନୂଆ ମାମଲା ରୁଜୁ ହୋଇଛି । ସାକ୍ଷୀଙ୍କୁ ଧମକ ଚମକ ଦେବା ନାମରେ ବିକ୍ରମଙ୍କ ନାମରେ ରୁଜୁ ହୋଇଛି ମାମଲା । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ସାକ୍ଷୀ ରହିଥିବା ଗୋଷାଣୀନୂଆଗାଁ ଥାନା ଅଂଚଳର ଲଳିତ ମୋହନ ମଙ୍ଗରାଜଙ୍କୁ ଗତ ଅଗଷ୍ଟ ମାସ ୨୮ ତାରିଖରେ ବ୍ରହ୍ମପୁର ଜେଲରୁ ଧମକପୂର୍ଣ୍ଣ ଫୋନ କଲ୍ ଆସିଥିଲା । ଫୋନ୍ ଯୋଗେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବିଜେଡ଼ି ନେତା ମଦନ ଦଳେଇ ଲଳିତଙ୍କୁ କୋର୍ଟରେ ସାକ୍ଷୀ ନ ଦେବା ନିମନ୍ତେ ଧମକ ଦେଇଥିଲେ । ଏହାପରେ ଚଳିତ ମାସ ୧ ତାରିଖରେ ଦୁଇ ଜଣ ଅଚିହ୍ନା ଯୁବକ ଲଳିତଙ୍କୁ ଅଟକାଇ କୋର୍ଟରେ ବିକ୍ରମଙ୍କ ବିରୋଧରେ ସାକ୍ଷୀ ନ ଦେବାକୁ ଧମକାଇ ଥିଲେ । ଏନେଇ ଲଳିତ ଗତ ୧ ତାରିଖରେ ଏନେଇ ଗୋଷାଣୀ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜଣାପଡ଼ିଥିଲା ବ୍ରହ୍ମପୁର ଜେଲର ଡ଼ାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ଫୋନ୍‌କୁ ବିକ୍ରମ ଓ ମଦନ ମାଗି ଲଳିତଙ୍କୁ ଫୋନ ଯୋଗେ କୋର୍ଟରେ ସାକ୍ଷୀ ନ ଦେବା ନିମନ୍ତେ ଧମକ ଦେଇଥିଲେ । ଫୋନ ଯୋଗେ ଧମକ ଦେବାର ସିସିଟିଭି କ୍ୟାମେରା ଭିଜୁଆଲ ମଧ୍ୟ ପୋଲିସ ଜେଲ୍‌ରୁ ପାଇଛି । ସିସିଟିଭି କ୍ୟାମେରା ଭିଜୁଆଲ ଓ ଅଡ଼ିଓ ରେକର୍ଡ଼ିଂ ପାଇବା ପରେ ତାହାକୁ ଯାଂଚ କରି ଆବଶ୍ୟକୀୟ ତଥ୍ୟ ପ୍ରମାଣ ପାଇବା ପରେ ଗତକାଲି ଗୋଷାଣୀନୂଆଗାଁ ଥାନାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବିଜେଡ଼ି ନେତା ମଦନ ଦଳେଇ ଓ ଜେଲର ଡ଼ାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ନାମରେ ମାମଲା ରୁଜୁ ହୋଇଛି । ସେପଟେ ଏହି ମାମଲାରେ ସାକ୍ଷୀ ଥିବା ତଥା ବିକ୍ରମଙ୍କ ଧମକର ଶୀକାର ହୋଇଥିବା ଲଳିତ ମୋହନ ମଙ୍ଗରାଜ ନିଜକୁ ଅସୁରକ୍ଷିତ ମନେ କରି ପୁଲିସକୁ ସୁରକ୍ଷା ମାଗିଛନ୍ତି ।













ଯାହାର ଦୁଇ ଆଖି ଫୁଟି ଯାଇଛି ସେ ଅନ୍ଧ ନୁହେଁ। ଯେ ଆପଣାର ଦୋଷ ଦେଖିପାରେ ନାହିଁ। ସେ ପ୍ରକୃତରେ ଅନ୍ଧ।

# ଆଜିକାଲି




*ଅଥକେନ ପ୍ରଯୁକ୍ତୋଦୟଂ ପାପଂ ଚରତି ପୁରୁଷଃ*
*ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଳାଦିବ ନିଯୋଜିତଃ*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ହେ ହୃଷିକେଶ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୂଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ୍ୟ ଲୋକ ମାନେ କାହା ପ୍ରେରଣାରେ ଏ ପାପ କରନ୍ତି ତାହା ମୋତେ କହନ୍ତୁ

## ନିଶୁଳ୍କ ଡିଜିଟାଲ୍ ଦେୟ

ଆଜିର ଭାରତରେ ଟଙ୍କା ଦେବା ଓ ନେବାର ପ୍ରଣାଳୀ ଯେପରି ବଦଳିଛି, ତାହା କେବଳ ପ୍ରଯୁକ୍ତିର ପରିବର୍ତ୍ତନ ନୁହେଁ, ବରଂ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ ଆସିଥିବା ଏକ ବଡ ଆର୍ଥିକ ପରିବର୍ତ୍ତନ। ଦିନେ ଦିନେ ହାତରେ ନଗଦ ଟଙ୍କା ରଖିବାର ଆବଶ୍ୟକତା କମିଛି, ଦୋକାନରେ ଖୁଚୁରା ଟଙ୍କା ଖୋଜିବାର ଯନ୍ତ୍ରଣା କମିଛି, ଦୂରରେ ଥିବା ଲୋକଙ୍କୁ କ୍ଷଣକ ମଧ୍ୟରେ ଟଙ୍କା ପହଂଚିବା ସମ୍ଭବ ହୋଇଛି। ଏହି ପରିବର୍ତ୍ତନର ମୂଳରେ ରହିଛି ଭାରତର ଏକୀକୃତ ଦେୟ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମନରେ ଦେୟ ଶୁଳ୍କ ସମ୍ପର୍କରେ ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା, ସରକାରଙ୍କ ସ୍ପଷ୍ଟୀକରଣ ତାହାକୁ ଦୂର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସରକାର ଘୋଷଣା କରିଛନ୍ତି ଯେ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଏକୀକୃତ ଦେୟ ବ୍ୟବସ୍ଥା ମାଧ୍ୟମରେ ହେଉଥିବା କାରବାର ଉପରେ ବ୍ୟାଙ୍କ କୌଣସି ଶୁଳ୍କ ଲଗାଇପାରିବେ ନାହିଁ। ସେହିପରି ଋଣପତ୍ର ମାଧ୍ୟମରେ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ହେଉଥିବା ଦେୟ ଉପରେ ମଧ୍ୟ ଶୁଳ୍କ ଆଦାୟ କରାଯାଇପାରିବ ନାହିଁ। ସରକାରୀ ରାଜପତ୍ର ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ଯେ ଏହି ପ୍ରକାର ଦେୟ ପଠାଉଥିବା କିମ୍ବା ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ଉପରେ କୌଣସି ବ୍ୟାଙ୍କ କିମ୍ବା ପ୍ରଣାଳୀ ପ୍ରଦାନକାରୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଶୁଳ୍କ ଲଗାଇପାରିବେ ନାହିଁ। ଅର୍ଥ ମନ୍ତ୍ରଣାଳୟ ଦେୟ ଓ ନିଷ୍ପତି ବ୍ୟବସ୍ଥା ଆଇନ ଅଧୀନରେ ଏହି ପରିବର୍ତ୍ତନ ସୂଚିତ କରି ଦେୟ ଶୁଳ୍କ ସମ୍ପର୍କିତ ନିୟମକୁ ଆହୁରି ସ୍ପଷ୍ଟ କରିଛି। ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଏକୀକୃତ ଦେୟ କାରବାର ଓ ଏହି ରୂପେ ଆଧାରିତ ଋଣପତ୍ର କାରବାରକୁ ଇଲେକ୍ଟ୍ରୋନିକ୍ସ ଦେୟର ଶ୍ରେଣୀରେ ରଖାଯାଇଛି। ଏହି ନିଷ୍ପତିର ସବୁଠାରୁ ବଡ ଲାଭ ପାଇବେ ସାଧାରଣ ଗ୍ରାହକ, ଛୋଟ ବ୍ୟବସାୟୀ, ଦିନମଜୁରିଆ, ଛୋଟ ଉଦ୍ୟୋଗୀ, ଛାତ୍ରଛାତ୍ରୀ, ଚାଷୀ ଏବଂ ଦୈନନ୍ଦିନ ଛୋଟ ଛୋଟ ଆର୍ଥିକ କାରବାର କରୁଥିବା କୋଟି କୋଟି ଲୋକ। ଆଜି ଚା ଦୋକାନରୁ ଆରମ୍ଭ କରି ପରିବା ବଜାର, ଔଷଧ ଦୋକାନରୁ ଯାତ୍ରା ଭଡା, ଛୋଟ ବ୍ୟବସାୟରୁ ଘରୋଇ ଆବଶ୍ୟକତା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଏହି ଦେୟ ବ୍ୟବସ୍ଥା ଲୋକଙ୍କ ଜୀବନର ଅଂଶ ହୋଇଯାଇଛି। ଏଭଳି ସ୍ଥିତିରେ ପ୍ରତ୍ୟେକ ଛୋଟ କାରବାର ଉପରେ ଯଦି ଅତିରିକ୍ତ ଶୁଳ୍କ ଲାଗେ, ତାହାର ପ୍ରଭାବ ଶେଷରେ ଗ୍ରାହଙ୍କ ଉପରେ ପଡିବାର ଆଶଙ୍କା ରହିଥାଏ। ତେଣୁ ଛୋଟ ଦେୟକୁ ଶୁଳ୍କମୁକ୍ତ ରଖିବା କେବଳ ଏକ ଆର୍ଥିକ ନିଷ୍ପତି ନୁହେଁ,ଏହା ଡିଜିଟାଲ ଅର୍ଥନୀତିକୁ ଲୋକାଭିମୁଖୀ କରିବାର ଏକ ନୀତିଗତ ପଦକ୍ଷେପ। ଗତ ମାସରେ ସରକାର ସ୍ପଷ୍ଟ କରିଥିଲେ ଯେ ଏକୀକୃତ ଦେୟ ବ୍ୟବସ୍ଥା ମାଧ୍ୟମରେ ଦେୟ କରୁଥିବା ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ। ଭବିଷ୍ୟତରେ ବ୍ୟବସାୟୀଙ୍କଠାରୁ ଆଦାୟ ହେବାକୁ ଥିବା ବ୍ୟବସାୟୀ ରିହାତି ହାର ମଧ୍ୟ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ କାରବାରରେ ଚୟନିତ ଭାବେ ଲାଗୁ ହେବ ବୋଲି ସୂଚନା ଦିଆଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ବ୍ୟକ୍ତିରୁ ବ୍ୟକ୍ତିକୁ ହେଉଥିବା ସମସ୍ତ ଏକୀକୃତ ଦେୟ କାରବାର ଆଗକୁ ମଧ୍ୟ ନିଶୁଳ୍କ ରହିବ ଏବଂ ବ୍ୟବସାୟୀଙ୍କ ଉପରେ ସମସ୍ତଙ୍କ ପାଇଁ ଏକାଧାରାରେ କୌଣସି ବ୍ୟବସାୟୀ ରିହାତି ହାର ଲାଗୁ ହେବ ନାହିଁ। ସରକାରଙ୍କ ମତରେ ଏପରି ଶୁଳ୍କ ଲାଗୁ ହେଲେ ମଧ୍ୟ ତାହା ଋଣପତ୍ର କିମ୍ବା ଜମାପତ୍ର ମାଧ୍ୟମରେ ହେଉଥିବା ଦେୟରେ ପ୍ରଚଳିତ ଶୁଳ୍କଠାରୁ ଯଥେଷ୍ଟ କମ ରହିବ। ଏହି ସ୍ପଷ୍ଟୀକରଣ ଏମିତି ଏକ ସମୟରେ ଆସିଛି, ଯେତେବେଳେ ଦେୟ ଓ ନିଷ୍ପତି ବ୍ୟବସ୍ଥା ଆଇନ, ୨୦୦୭ରେ ସମ୍ପ୍ରତି ହୋଇଥିବା ସଂଶୋଧନକୁ ନେଇ ଆଲୋଚନା ଚାଲିଥିଲା ଏବଂ ଏକୀକୃତ ଦେୟ ବ୍ୟବହାରକାରୀଙ୍କଠାରୁ ଭବିଷ୍ୟତରେ ଶୁଳ୍କ ଆଦାୟ ହେବ କି ନାହିଁ ସେନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏଠାରେ ଏକ କଥା ସ୍ପଷ୍ଟ ହେବା ଦରକାର-ଶୁଳ୍କମୁକ୍ତ ଦେୟ ବ୍ୟବସ୍ଥାର ଅର୍ଥ ଏହା ନୁହେଁ ଯେ ଏହି ବ୍ୟବସ୍ଥା ଚଳାଇବାରେ କୌଣସି ଖର୍ଚ୍ଚ ନାହିଁ। ବ୍ୟାଙ୍କ, ଦେୟ ପ୍ରଣାଳୀ, ପ୍ରଯୁକ୍ତି ଭିତିଭୂମି ଓ ସୁରକ୍ଷାବ୍ୟବସ୍ଥା ଚଳାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୁଏ। କିନ୍ତୁ ସେହି ଖର୍ଚ୍ଚର ଭାର କାହା ଉପରେ ପଡିବ, ତାହା ଏକ ନୀତିଗତ ପ୍ରଶ୍ନ। ଯଦି ଛୋଟ କାରବାର କରୁଥିବା ସାଧାରଣ ଲୋକଙ୍କ ଉପରେ ପ୍ରତ୍ୟେକ ଦେୟ ସମୟରେ ଶୁଳ୍କ ଲାଗେ,ତେବେ ଡିଜିଟାଲ ଦେୟର ସବୁଠାରୁ ବଡ ଉଦ୍ଦେଶ୍ୟ-ସୁବିଧା, ସରଳତା ଓ ସମାବେଶୀ ଆର୍ଥିକ ବ୍ୟବସ୍ଥା-ଦୁର୍ବଳ ହୋଇପାରେ। ଅନ୍ୟପକ୍ଷରେ, ବ୍ୟବସାୟୀମାନଙ୍କୁ ମଧ୍ୟ ଏପରି ଭାରୀ ଶୁଳ୍କରୁ ସୁରକ୍ଷା ଦେବା ଆବଶ୍ୟକ, କାରଣ ଛୋଟ ଦୋକାନୀଙ୍କ ଲାଭ ମାର୍ଜିନ୍ ସୀମିତ ଥାଏ। ଦେୟ ପ୍ରଣାଳୀ ଯେତେ ସହଜ ହେବ, ବ୍ୟବସାୟ ସେତେ ଦ୍ରୁତ ହେବ ଏବଂ ଅର୍ଥନୀତିରେ ଟଙ୍କାର ଚଳାଚଳ ମଧ୍ୟ ସେତେ ସୁଗମ ହେବ। ଲୋକଙ୍କ ଟଙ୍କା ଲୋକଙ୍କ ପାଖରେ ରହୁ, ଦେୟ ବ୍ୟବସ୍ଥା ସରଳ ରହୁ ଏବଂ ପ୍ରଯୁକ୍ତିର ଲାଭ ସମାଜର ଶେଷ ମଣିଷ ପର୍ଯ୍ୟନ୍ତ ପହଂଚୁ - ଏହି ହେଉ ଭାରତର ଡିଜିଟାଲ୍ ଅର୍ଥନୀତିର ପ୍ରକୃତ ଲକ୍ଷ୍ୟ।

## ଦୁର୍ଘଟଣା

ରାମଚନ୍ଦ୍ର ବେହେରା

ଘଟଣା ବହୁଳ ଜୀବନ ଆମର
କେବେ ଦୁଃଖ କେବେ ସୁଖ
ଘଟଣାଟି ଯେବେ ହାନୀ କରିଥାଏ
ପରାଣେ ଭରଇ ଶୋକ।
ଜୀବନ ନୁହଁଇ ସଳଖ ସୁନ୍ଦର
ନୁହେଁ ସରଗ ସୁଷମା
କେତେ ବାଧା ବିଘ୍ନ ଆସିବ ଜୀବନେ
ନକରି ହୁଏ କଳନା।
କିଛି ଦୁର୍ଘଟଣା ଘଟଇ ଜୀବନେ
ସଚେତନ ଅଭାବରୁ
ସତର୍କ ପରଖି କର୍ମ କରୁଥିଲେ
ବଂଚିବ ମୃତ୍ୟୁମୁଖରୁ।
ଦୈବ ଦୁର୍ବିପାକ ଅଚାନକ ଆସେ
ଦୁର୍ଘଟଣା ରଚି ଯାଏ
କିଛି ଦୁର୍ଘଟଣା ବୁଦ୍ଧିର ସହାରେ
ଚଳାପଥୁ ଦୂର ହୁଏ।
କିଛି ଅଘଟଣ ନିଜ ପାଇଁ ଘଟେ
ଗର୍ବ ଅହମିକା ପାଇଁ
ବୁଦ୍ଧି ବିବେକକୁ ସମ୍ମାନ କରିଲେ
ଦୁର୍ଘଟଣା ଯାଏ ନଇଁ।
ନହଟାଇ ଧ୍ୟାନ ରହି ସଚେତନ
ସୁରକ୍ଷା ବଳୟେ ରହି
ଧନ ଜୀବନକୁ ବଂଚାଇବା ଆସ
ମୋ ପ୍ରିୟ ଭଉଣୀ ଭାଇ।

ଚେଣ୍ଡୁଳିପଦା,ଜଗତସିଂହପୁର,ମୋ-୭୩୫୫୬୩୪୩୪୬

# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ : ନରେନ୍ଦ୍ର ମୋଦୀ



◆ ମୋହନ ଚରଣ ମାଝୀ

ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଜନ୍ମ ଦିବସ। ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ। ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ 'ସେବା ସଂକଳ୍ପ' ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ। ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ। କାରଣ ଗତ ୨୦୧୪ ମସିହା ପରବର୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା। ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ 'ହିନ୍ଦୁ ଅଭିବୃଦ୍ଧି' କହୁଥିଲେ। ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା। କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା। ଜୁଲାଇ ୨୦୧୬ ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଂଟର ଉନ୍ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକ ଲୋଚନକୁ ଆଣିଥିଲେ। ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ। ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ 'ରୂପାନ୍ତରିତ ପରିବର୍ତ୍ତନ'କୁ ଆଦୃତ କରିବାକୁ ହେବ ଯାହାରର ମୂଳଦୁଆ ହେଉଛି,'ଗତି, ପାରଦର୍ଶିତା ଓ ଉତରଦାୟିତ୍ୱତା'(Speed,Transformation &Accountability)। ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ। ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି। ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି। ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା। କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ। ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା। ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇଅଛି। ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ 'ସବ୍‌କା ସାଥ, ସବ୍ ?କା ବିକାଶ, ସବ୍ ?କା ବିଶ୍ୱାସ ଓ ସବ୍ ?କା ପ୍ରୟାସ' ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି। ଏହି ବାର ବର୍ଷରେ ମୋଦୀ ଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା। ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ। ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଦୀର୍ଘଦିନ ଧରି ଓଡିଶାର ପ୍ରକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପୋଯୋଗ ହୋଇପାରି ନ ଥିଲା। ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ। କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି। ଏହା ସମ୍ଭବ ହୋଇଥିଲା ମୋଦୀ ଜୀଙ୍କର ଗୋଟିଏ ଆହ୍ୱାନ,'ଓଡିଶାରେ ନିବେଶ ପାଇଁ ଯେହି ସମୟ ହେ, ସହି ସମୟ ହେ'। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ। ତାଙ୍କ ମତରେ ଦେଶର ବିକାଶର ଫଳ ସମାଜର ଶେଷ ପାହୁଚରେ ଥିବା ବ୍ୟକ୍ତି ପାଖରେ ପହଂଚି ପାରିବ। ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ 'ମହିଳା, ଗରିବ, ଅନ୍ନଦାତା ଓ ଯୁବା'ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ 'ବିକାଶ ଯାତ୍ରାରେ ଅଂଶୀଦାର' ଭାବେ ଗୁରୁତ୍ୱ ଦିଏ। ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ପଡ଼ିଆରୁ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପଡ଼ିଛନ୍ତି।



ଏକ ଆଦିବାସୀ ପରିବାରରେ ଜନ୍ମିତହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ହୃଦୟଙ୍ଗମ କରେ। କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ।ନୂତନ ଭାରତ ଏହି ବାର୍ତା ପ୍ରଦାନ କରେ ଯେ 'ଜନ୍ମ' ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ।କଠିନ ପରିଶ୍ରମ, ସେବା, ସଚ୍ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଂଚାଇପାରେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ।ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢ଼େ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀ ମୋଦୀ ଜୀ ଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ।ଆଜି, ଭାରତ ବିଶ୍ୱର ପ୍ରମୁଖ ମଂଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ ର ଆୟୋଜନ। ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି। କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି। ଦେଶରେ ଦ୍ରୁତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ମାହିଳାଙ୍କ ପାଇଁ ସୁଭଦ୍ରା ଯୋଜନା,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲଖ୍ ପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜି ରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ସି ଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷାଣରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଂଚୁଛି। ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡିଶା ପାଇଲା କ'ଣ। ଏହାର ଏକ ଲମ୍ବା ତାଲିକା ଅଛି। ଶଙ୍ଖେପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର,କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତିଭୂମି ଯୋଗାଇ ଦିଆଯାଇଛି।ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ହେଲେ କାର୍ପଣ୍ୟତା ପ୍ରଦର୍ଶନ କରି ନାହାନ୍ତି। ଯେତେବେଳେ ରାଜ୍ୟରେ ବିରୋଧୀ ଦଳ ସରକାର ଥିଲା, ସେତେବେଳେ ମଧ୍ୟ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦୀ ଜୀ ଯୋଗାଇ ଦେଇଥିଲେ। ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ। ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ରାଜନେତା ଠାରୁ 'ରାଷ୍ଟ୍ରନେତା' ଭାବେ ଗଢି ତୋଳିଛି। ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ୱପୂର୍ଣ୍ଣ ଦିଗ ହେଉଛି 'ବିକାଶ ଭି, ବିରାଶତ ଭି'। ଶ୍ରୀ ମୋଦୀ ଜୀ ଙ୍କର ନେତୃତ୍ୱ ଓ ପୃଷ୍ଠପୋଷକତାରେ ଦେଶରେ 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଏକ ନୂତନ ସ୍ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ। ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି।ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ।ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା।ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ।ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା।

*ମୁଖ୍ୟମନ୍ତ୍ରୀ*
*ଓଡ଼ିଶା*

# ନୂଆ ଭାରତର ସ୍ୱପ୍ନ ଓ ମୋଦୀଙ୍କ ନେତୃତ୍ୱ



◆ସୌଭାଗ୍ୟ ରଂଜନ ମହାନ୍ତି

ଭାରତର ରାଜନୈତିକ ଇତିହାସରେ କେତେକ ବ୍ୟକ୍ତିତ୍ୱ କେବଳ ନିର୍ବାଚନୀ ବିଜୟ କିମ୍ବା ପଦପଦବୀ ପାଇଁ ସ୍ମରଣୀୟ ହୁଅନ୍ତି ନାହିଁ, ବରଂ ଦୀର୍ଘ ସାର୍ବଜନୀନ ଜୀବନ, ନିରନ୍ତର ପରିଶ୍ରମ, ନେତୃତ୍ୱର ଦୃଢତା ଏବଂ ଦେଶ ପାଇଁ ଏକ ବଡ ସ୍ୱପ୍ନ ଦେଖିବାର ସାହସ ଯୋଗୁଁ ଇତିହାସରେ ନିଜସ୍ୱ ସ୍ଥାନ ଗଢିଥାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ଶ୍ରେଣୀର ଜଣେ ପ୍ରଭାବଶାଳୀ ରାଜନୈତିକ ନେତା। ୧୯୫୦ ମସିହା ସେପ୍ଟେମ୍ବର ୧୭ରେ ଗୁଜରାଟର ବଡନଗରରେ ଜନ୍ମ ନେଇଥିବା ମୋଦୀଙ୍କ ଜୀବନଯାତ୍ରା ଆଜି ଭାରତର ସର୍ବୋଚ୍ଚ ନିର୍ବାଚିତ ଶାସନ ପଦବୀ ପର୍ଯ୍ୟନ୍ତ ପହଂଚିଛି। ୨୦୨୪ ଜୁନ ୯ରେ ସେ କ୍ରମାଗତ ତୃତୀୟଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ରାଜନୈତିକ ଯାତ୍ରା କେବଳ ଜଣେ ବ୍ୟକ୍ତିଙ୍କ ସଫଳତାର କାହାଣୀ ନୁହେଁ, ଏହା ଭାରତୀୟ ଗଣତନ୍ତ୍ରରେ ଜନମତର ଶକ୍ତି, ନେତୃତ୍ୱ ପ୍ରତି ଆସ୍ଥା ଏବଂ ଆଶାର ପରିବର୍ତ୍ତନଶୀଳ ରୂପକୁ ମଧ୍ୟ ପ୍ରତିଫଳିତ କରେ। ମୋଦୀଙ୍କ ଜନ୍ମଦିନ ଆସିଲେ ସାଧାରଣତଃ ତାଙ୍କ ନାମରେ ଅଭିନନ୍ଦନ, ଶୁଭେଚ୍ଛା ଓ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୁଏ। କିନ୍ତୁ ଜଣେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ପ୍ରକୃତ ଅର୍ଥ କେବଳ ଉତ୍ସବରେ ସୀମିତ ହେବା ଉଚିତ ନୁହେଁ। ଏହା ହେଉ ଜନସେବାର ମୂଲ୍ୟବୋଧକୁ ପୁନର୍ବାର ସ୍ମରଣ କରିବାର ଦିନ, ଦେଶର ଭବିଷ୍ୟତକୁ ନେଇ ଚିନ୍ତା କରିବାର ଦିନ ଏବଂ ଭାରତକୁ ଆହୁରି ସଶକ୍ତ, ସମୃଦ୍ଧ, ସମାବେଶୀ ଓ ଆତ୍ମବିଶ୍ୱାସୀ କରିବା ପାଇଁ ସାମୂହିକ ସଂକଳ୍ପ ନେବାର ଦିନ। ମୋଦୀଙ୍କ ରାଜନୈତିକ ଚିନ୍ତାଧାରାରେ ବିକଶିତ ଭାରତର ସ୍ୱପ୍ନ ଏକ ପ୍ରମୁଖ ବିଷୟ। ଏହି ସ୍ୱପ୍ନ କେବଳ ବଡ ସହରର ଉଚ୍ଚ ଅଟ୍ଟାଳିକା, ଦ୍ରୁତ ରାସ୍ତା କିମ୍ବା ଆଧୁନିକ ପ୍ରଯୁକ୍ତିରେ ସୀମିତ ନୁହେଁ। ଏହାର କେନ୍ଦ୍ରରେ ରହିବା ଆବଶ୍ୟକ ଗରିବଙ୍କ ସମ୍ମାନ, କୃଷକଙ୍କ ସମୃଦ୍ଧି, ଯୁବବର୍ଗଙ୍କ ପାଇଁ ସୁଯୋଗ, ମହିଳାଙ୍କ ସୁରକ୍ଷା ଓ ସଶକ୍ତିକରଣ, ଶିଶୁଙ୍କ ପାଇଁ ଗୁଣାତ୍ମକ ଶିକ୍ଷା, ରୋଗୀଙ୍କ ପାଇଁ ସୁଲଭ ଚିକିତ୍ସା ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଜୀବନ। ଶାସନରେ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର, ଆର୍ଥିକ ସମାବେଶ, ଲୋକଙ୍କ ନିକଟରେ ସେବା ପହଂଚାଇବା ଏବଂ ଭିତିଭୂମି ବିକାଶ ଭାରତର ପରିବର୍ତ୍ତନର ଗତିକୁ ବଢାଇଛି। ଏହି ପରିବର୍ତ୍ତନର ଅନୁଭୂତି ଦେଶର ଗ୍ରାମରୁ ସହର ପର୍ଯ୍ୟନ୍ତ ଦେଖାଯାଉଛି। ମୋଦୀଙ୍କ ନେତୃତ୍ୱର ଅନ୍ୟତମ ବିଶେଷତା ହେଉଛି ବଡ ଲକ୍ଷ୍ୟ ନିର୍ଦ୍ଧାରଣ କରି ସେହି ଲକ୍ଷ୍ୟକୁ ଜନଆନ୍ଦୋଳନର ରୂପ ଦେବାର ପ୍ରୟାସ। ସ୍ୱଚ୍ଛତା, ଯୋଗ, ମହିଳା ସମ୍ମାନ, ଆତ୍ମନିର୍ଭରଶୀଳତା, ସ୍ଥାନୀୟ ଉତ୍ପାଦ ପ୍ରତି ଆଗ୍ରହ, ପରିବେଶ ସୁରକ୍ଷା, ଓ ଦେଶୀୟ ଉଦ୍ୟମ ପ୍ରତି ଉତ୍ସାହ ଭଳି ବିଷୟ ଜନଜୀବନର ଆଲୋଚନାର ଅଂଶ ହୋଇଛି। ଆଜିର ଭାରତୀୟ ଯୁବକଯୁବତୀ ଏକ ନୂଆ ଆତ୍ମବିଶ୍ୱାସ ସହିତ ବିଶ୍ୱକୁ ଦେଖୁଛନ୍ତି। ଏହି ଆତ୍ମବିଶ୍ୱାସର ପଛରେ ଶିକ୍ଷା, ପ୍ରଯୁକ୍ତି, ଉଦ୍ୟମ, ନବସୃଜନ ଓ ବିଶ୍ୱସ୍ତରରେ ଭାରତର ବଢୁଥିବା ଉପସ୍ଥିତିର ଭୂମିକା ରହିଛି। ଆଜି ଭାରତ ବିଶ୍ୱ ମଂଚରେ ନିଜର ସ୍ୱାର୍ଥ ସହିତ ବିଶ୍ୱର ଦକ୍ଷିଣ ଦେଶମାନଙ୍କ ସ୍ୱରକୁ ମଧ୍ୟ ଉଠାଇବାର ପ୍ରୟାସ କରୁଛି। ଏହା ଭାରତର ବଢୁଥିବା କୂଟନୈତିକ ଆତ୍ମବିଶ୍ୱାସର ଏକ ପ୍ରତିଛବି। କିନ୍ତୁ ଯେତେ ବଡ ନେତୃତ୍ୱ , ସେତେ ବଡ ଦାୟିତ୍ୱ। ତୃତୀୟ କାର୍ଯ୍ୟକାଳ ମୋଦୀଙ୍କ ପାଇଁ କେବଳ ସଫଳତାକୁ ଜାରି ରଖିବାର ସୁଯୋଗ ନୁହେଁ, ଏହା ଅଧିକ ଆଶା, ଅଧିକ ପରୀକ୍ଷା ଓ ଅଧିକ ଦାୟିତ୍ୱ ସମୟ। ଯୁବମାନଙ୍କ ପାଇଁ ନିଯୁକ୍ତି ଓ ଉଦ୍ୟମର ସୁଯୋଗ ବଢାଇବା, କୃଷିକୁ ଅଧିକ ଲାଭଜନକ କରିବା, ଶିକ୍ଷାର ଗୁଣବତା ବୃଦ୍ଧି କରିବା, ସ୍ୱାସ୍ଥ୍ୟସେବାକୁ ଆହୁରି ସୁଲଭ କରିବା, ଦରିଦ୍ରତା ଓ ଅସମାନତା କମାଇବା, ନାରୀଙ୍କ ପାଇଁ ନିରାପଦ ଓ ସମାନ ସୁଯୋଗ ନିଶ୍ଚିତ କରିବା ଭଳି ପ୍ରଶ୍ନଗୁଡିକ ଭାରତର ଆଗାମୀ ଯାତ୍ରାର ମୁଖ୍ୟ ପରୀକ୍ଷା ହେବ। ବିକାଶର ଅର୍ଥ ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ତାହାର ଲାଭ ଶେଷ ପଂକ୍ତିରେ ଥିବା ମଣିଷ ପର୍ଯ୍ୟନ୍ତ ପହଂଚିବ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ସରକାରଙ୍କୁ ସମର୍ଥନ କରିବାର ଅଧିକାର ଯେପରି ନାଗରିକଙ୍କର ରହିଛି, ସେପରି ପ୍ରଶ୍ନ କରିବାର ଅଧିକାର ମଧ୍ୟ ରହିଛି। ତେଣୁ ମୋଦୀଙ୍କ ନେତୃତ୍ୱର ସଫଳତାକୁ ପ୍ରଶଂସା କରିବା ସହିତ ଯେଉଁଠାରେ ଅଧିକ କାମ ଆବଶ୍ୟକ, ସେଠାରେ ଜନସ୍ୱରକୁ ଗୁରୁତ୍ୱ ଦେବା ମଧ୍ୟ ସୁସ୍ଥ ଗଣତନ୍ତ୍ରର ଅଂଶ। ଜଣେ ଶକ୍ତିଶାଳୀ ନେତାଙ୍କ ପ୍ରକୃତ ମୂଲ୍ୟାୟନ କେବଳ ତାଙ୍କ ସମର୍ଥକଙ୍କ ପ୍ରଶଂସାରେ ନୁହେଁ, ବରଂ ସାଧାରଣ ଲୋକଙ୍କ ଜୀବନ କେତେ ଉନ୍ନତ ହେଲା, ଯୁବମାନେ କେତେ ସୁଯୋଗ ପାଇଲେ, ଗରିବଙ୍କ ଜୀବନରେ କେତେ ସୁରକ୍ଷା ଆସିଲା ଏବଂ ଭାରତର ମର୍ଯ୍ୟାଦା ବିଶ୍ୱରେ କେତେ ବଢିଲା, ସେଥିରେ ନିର୍ଭର କରେ। ମୋଦୀଙ୍କ ଜନ୍ମଦିନ ତେଣୁ ଜଣେ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇବାର ଅବସର ହେବା ସହିତ ଭାରତର ଭବିଷ୍ୟତକୁ ନେଇ ନୂଆ ସଂକଳ୍ପ ନେବାର ଅବସର ହେଉ। ଦେଶର ଯୁବକ ନିଜ ସ୍ୱପ୍ନକୁ ଭାରତର ସ୍ୱପ୍ନ ସହିତ ଯୋଡନ୍ତୁ, ଛାତ୍ର ଜ୍ଞାନକୁ ରାଷ୍ଟ୍ରସେବାର ମାଧ୍ୟମ କରନ୍ତୁ, କୃଷକ ଆଧୁନିକତା ସହିତ ନିଜ ମାଟିକୁ ଯୋଡନ୍ତୁ, ମହିଳା ନିଜ ସାମର୍ଥ୍ୟରେ ଆଗକୁ ବଢନ୍ତୁ ଏବଂ ପ୍ରତ୍ୟେକ ନାଗରିକ ନିଜ କର୍ତବ୍ୟକୁ ଅଧିକ ନିଷ୍ଠାର ସହିତ ପାଳନ କରନ୍ତୁ - ଏହା ହେଉ ଜନ୍ମଦିନର ସାର୍ଥକ ବାର୍ତା ମୋଦୀଙ୍କ ଜୀବନଯାତ୍ରା ଆମକୁ ଆଉ ଏକ ଶିକ୍ଷା ଦିଏ - ସାଧାରଣ ପରିବାରରୁ ଆସିଥିବା ଜଣେ ମଣିଷ ମଧ୍ୟ ଦୃଢ ସଂକଳ୍ପ, ପରିଶ୍ରମ ଓ ଦୀର୍ଘ ସାର୍ବଜନୀନ ଯାତ୍ରା ମାଧ୍ୟମରେ ଦେଶର ସର୍ବୋଚ୍ଚ ଦାୟିତ୍ୱ ପର୍ଯ୍ୟନ୍ତ ପହଂଚିପାରନ୍ତି। ଏହି କାହାଣୀ କେବଳ ମୋଦୀଙ୍କର ନୁହେଁ, ଏହା ଭାରତୀୟ ଗଣତନ୍ତ୍ରର ସୁଯୋଗର କାହାଣୀ ମଧ୍ୟ। ଆଗାମୀ ଭାରତ କେମିତି ହେବ, ତାହା କେବଳ ଜଣେ ପ୍ରଧାନମନ୍ତ୍ରୀ ନିର୍ଦ୍ଧାରଣ କରିବେ ନାହିଁ, ଏହା ନିର୍ଦ୍ଧାରଣ କରିବେ ଦେଶର କୋଟି କୋଟି ନାଗରିକଙ୍କ ପରିଶ୍ରମ, ଶୃଙ୍ଖଳା, ଦାୟିତ୍ୱବୋଧ ଓ ଏକତା। ତେଣୁ ଜନ୍ମଦିନର ଶୁଭେଚ୍ଛା ସେତେବେଳେ ଅର୍ଥପୂର୍ଣ୍ଣ ହେବ, ଯେତେବେଳେ ତାହା ସେବାରେ ପରିଣତ ହେବ, ଶୁଭକାମନା ସେତେବେଳେ, ସାର୍ଥକ ହେବ, ଯେତେବେଳେ ତାହା ଦେଶପ୍ରେମର କାର୍ଯ୍ୟରେ ପରିଣତ ହେବ ଏବଂ ନେତାଙ୍କ ପ୍ରତି ସମ୍ମାନ ସେତେବେଳେ ସତ୍ୟ ହେବ, ଯେତେବେଳେ ଆମେ ନିଜ କର୍ତବ୍ୟକୁ ସତ୍ୟନିଷ୍ଠାର ସହିତ ପାଳନ କରିବୁ। ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଏହି କାରଣରୁ କେବଳ ଏକ ତାରିଖ ନୁହେଁ, ଏହା ଭାରତର ଲୋକତାନ୍ତ୍ରିକ ଯାତ୍ରା, ଜନସେବାର ମୂଲ୍ୟ ଏବଂ ବିକଶିତ ଭାରତର ସ୍ୱପ୍ନକୁ ପୁନର୍ବାର ସ୍ମରଣ କରିବାର ଏକ ଅବସର। ଆଜି ଆବଶ୍ୟକ ହେଉଛି ଉତ୍ସବଠାରୁ ବଡ ସଂକଳ୍ପ, ଅଭିନନ୍ଦନଠାରୁ ବଡ କର୍ତବ୍ୟ ଏବଂ ବ୍ୟକ୍ତିଠାରୁ ବଡ ଭାରତ। ମୋଦୀଙ୍କ ଜନ୍ମଦିନର ସର୍ବଶ୍ରେଷ୍ଠ ଶୁଭେଚ୍ଛା ହେଉ - ଏକ ଶକ୍ତିଶାଳୀ, ସମୃଦ୍ଧ, ସମାନ, ଆତ୍ମନିର୍ଭରଶୀ ଓ ବିକଶିତ ଭାରତ ଗଢିବାର ସାମୂହିକ ସଂକଳ୍ପ।



## ଜନ୍ମଦିନରୁ ଜନସେବାର ସଙ୍କଳ୍ପ

*ସମ୍ମାନ ଭବନ,ପ୍ଲଟ ନଂ-୫୮/*
*୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨,*
*ମୋ-୯୪୩୭୯୯୪୩୭୯*



# ଶିଳ୍ପରାଜ ବିଶ୍ୱକର୍ମା

◆ ଶରତ କୁମାର ସାହୁ

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଥିଲେ ହେଁ ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନୟନ୍ତା ନାରାୟଣଙ୍କ ଏକ ରୂପ ଭାବେ ଅନେକେ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ୍ୟ କଳ୍ପନା କରି ପୂଜା କରାଯାଏ । ପଶ୍ଚିମବଙ୍ଗ ଓ ବିହାରରେ ବିଶ୍ୱକର୍ମାଙ୍କୁ ଶ୍ରୀ ଶ୍ରୀ ନାରାୟଣ ଦେବ ଭାବେ ପୂଜା କରାଯାଏ । ମୁଖ୍ୟ କଥାଟି ହେଲା ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା ରୂପ ହେଉଛି ବିଷ୍ଣୁ; ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର; ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା । ସଂକ୍ଷେପରେ ଏତିକି ହିଁ କୁହାଯାଇପାରେ । ଆଶ୍ୱିନ ସଂକ୍ରାନ୍ତି ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନ ଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ ଏହି ପବିତ୍ର ଦିନରେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସଂଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଦେଶରେ ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହେଇଥିଲା ।

*ଉପକରଣ ହାଉସ, ଚଣ୍ଡୀଖୋଲ, ଯାଜପୁର : ୯୪୩୭୦୫୧୫୪୩*

# ଜ୍ଞାନକୌଶଳର ଦେବତା ବିଶ୍ୱକର୍ମା

◆ ନିରୁପମା ଭୂୟାଁ

ବାର ମାସରେ ତେର ଓଷା ବ୍ରତ ଭିତରେ ବିଶ୍ୱକର୍ମା ପୂଜା ଅନ୍ୟତମ । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ପୁରାଣମାନଙ୍କରୁ ଜଣାଯାଏ ଯେ ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛି ସୃଷ୍ଟିକର୍ତ୍ତା । ତେଣୁ କେତେକ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରନ୍ତି । ତା ଛଡ଼ା ବଙ୍ଗ, ବିହାର, ପ୍ରଭୃତି ସ୍ଥାନ ମାନଙ୍କରେ ଶ୍ରୀ ଶ୍ରୀ ନାରାୟଣ ଦେବଙ୍କୁ ପୂଜା କରନ୍ତି ବିଶ୍ୱକର୍ମା ପୂଜାଭାବରେ । କାରଣ ସେମାନଙ୍କର ଧାରଣା ଯେ ବିଶ୍ୱକର୍ମା ସ୍ୱୟଂ ବିଷ୍ଣୁ । ଓଡ଼ିଶାରେ କଳାକାରମାନେ ବିଶ୍ୱକର୍ମାଙ୍କୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି । କିମ୍ବଦନ୍ତୀ କହେ ସ୍ୱୟଂ ଜଗନ୍ନାଥଙ୍କୁ ବିଶ୍ୱକର୍ମା ନିଜେ ନିର୍ମାଣ କରିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ । କିନ୍ତୁ ସେମାନଙ୍କର ନିହଣ ମୁନରେ ସେ ଦାରୁ ଖୋଳଯାଇ ପାରିଲା ନାହିଁ । ବରଂ ସେଗୁଡ଼ିକର ଧାର ଓଲଟିଗଲା । ପ୍ରତ୍ୟେକ ନିରାଶରେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା, ରାଣୀଙ୍କ ମନରେ ଭାଳେଣି ପଡ଼ିଲା । ଶେଷରେ ଦିନେ ଗୋଟିଏ ବୁଢ଼ା ବଢ଼େଇ ଆସି ପହଂଚ୍‌ଲା ସେ ସ୍ଥାନରେ । ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବ ରାଜା-ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇ ସର୍ତ୍ତ ରଖିଥିଲା ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ । ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ ଠକ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାଆନ୍ତି । ହଠାତ୍ ଆଉ ଶବ୍ଦ ନ ଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ । ମନ୍ଦିର ମାରାହେବା ଭୟରେ ଓ ଗୁଣ୍ଡିଚା ରାଣୀଙ୍କ ଅନୁରୋଧକ୍ରମେ ଦ୍ୱାର ଉନ୍ମୁକ୍ତ କରାଗଲା । ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି - ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ, 'ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି - ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ ।' ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ସ୍ୱର୍ଗ କାରିଗର ବିଶ୍ୱକର୍ମା । ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କର ରୂପ ବୋଲି କଳ୍ପନା କରାଯାଏ । ଲକ୍ଷ୍ମୀ ପୁରାଣରୁ ମଧ୍ୟ ଜଣାଯାଏ ଯେ, ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା' ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରରୁ ବାହାର କରିଦେଲେ ସେତେବେଳେ ମା'ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ମନ୍ଦିର ନିର୍ମାଣ ପାଇଁ । ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ପାଇଁ ବୈକୁଣ୍ଠ ସମାନ ନବର ନିର୍ମାଣ କରିଥିଲେ । ଭାଗବତରୁ ଜଣାଯାଏ ଯେ ଯେତେବେଳେ



ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରିକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ, ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ ତାଙ୍କୁ । ସୁଦାମା ନିଜର ମନକଥା କୃଷ୍ଣଙ୍କ ନିକଟରେ ପ୍ରକାଶ କରି ନଥିଲେ ମଧ୍ୟ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର । ସଙ୍ଗେ ସଙ୍ଗେ ଦେବ ଦେବ କୃଷ୍ଣ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମାର ପ୍ରାସାଦ ନିର୍ମାଣ କରି ଧନଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିବା ଲାଗି । ଦ୍ୱାରିକା ଭୁବନରେ ଥିବା କୃଷ୍ଣଙ୍କର ପୁର ମଧ୍ୟ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭାଗବତରୁ ଜଣାଯାଏ । ଆଶ୍ୱିନ ସଂକ୍ରମଣ ଦିନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ । ଏ ପୂଜାର ତିଥି ନକ୍ଷତ୍ର ମୁହୂର୍ତ୍ତାଦିର ବିଚାର ନାହିଁ । ଅତୀତରୁ ଏହି ପର୍ବ ପ୍ରାୟ ପ୍ରତ୍ୟେକ ଶିଳ୍ପୀଙ୍କ ଘରେ ପାଳିତ ହେଉଥିଲା । ଓଡ଼ିଶାରେ ବଢ଼େଇ, କମାର, ତନ୍ତୀ ଇତ୍ୟାଦି ଜାତିର ଲୋକେ ହାତ ହତିଆରକୁ ପୂଜା କରୁଥିଲେ । ଯେପରି ଧନର ଅଧିଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ, ଗନ୍ତାଘରର ରକ୍ଷକ କୁବେର ଠିକ୍ ସେହିପରି ଶିଳ୍ପକଳା, ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ । ଅତୀତରେ ଏ ମୂର୍ତ୍ତିପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା । ତାଛଡ଼ା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ୍ୟ କରାଯାଉଥିଲା । ସ୍ଥାନେ ସ୍ଥାନେ ଗୋଟିଏ ବୁଢ଼ା ବଢ଼େଇର ମୂର୍ତ୍ତିକୁ ମଧ୍ୟ ଅୟୁଧ ସଙ୍ଗେ ପୂଜା କରାଯାଉଥିବାର ପ୍ରମାଣ ରହିଛି । ଏହି ଦିନଟି ଠିକ୍ ସରସ୍ୱତୀ ପୂଜା ବା ଗଣେଶ ପୂଜା ପରି ପାଳିତ ହେଉଥିଲା । ପ୍ରତ୍ୟେକ ନିଜ ନିଜର ଅୟୁଧମାନ ପୂଜାରେ ବସାଇ ସେଦିନ ଉପବାସ କରୁଥିଲେ ଓ କେତେକ ସ୍ଥାନରେ ନୂତନ ବସ୍ତ୍ର ମଧ୍ୟ ପରିଧାନ କରୁଥିଲେ । ଭାଗବତ ପୁରାଣର ଆଖ୍ୟାୟିକାରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ଦେବଶିଳ୍ପୀ ବିଶ୍ୱକର୍ମା ବିଶ୍ୱର ସୃଷ୍ଟିକର୍ତ୍ତା । ତାଙ୍କ ସୃଷ୍ଟିର ସର୍ଜନା ପାଇଁ ସେ ଶିଳ୍ପୀ, ସେ ବୈକୁଣ୍ଠବାସୀ, ସେ ସର୍ବଗୁଣ ସଂପନ୍ନ, ସେ ସର୍ବଶକ୍ତିମାନ, ସର୍ବନିୟନ୍ତା । ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ସେ ବିଷ୍ଣୁ, ପୁଣି ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହିପରି ତାଙ୍କରି ଇଚ୍ଛାରେ ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ସେ ପ୍ରତ୍ୟେକ ପ୍ରାଣୀଙ୍କ ହୃଦୟରେ ରହି ତାଙ୍କରି ଇଚ୍ଛାମତେ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରଣ କରନ୍ତି ।

ଆଧୁନିକ ଯୁଗରେ ନାନା ଶିଳ୍ପର ଘଟିଛି ପରିପ୍ରକାଶ । ତା' ସଙ୍ଗେ ସଙ୍ଗେ ବିଶ୍ୱକର୍ମାଙ୍କ ପ୍ରଚାର ଓ ପ୍ରସାର ସବୁଠାରେ ଆଦର ଅଭ୍ୟର୍ଥନା ପାଉଛି । ସ୍ଥାନେ ସ୍ଥାନେ ନିର୍ମିତ ମୂର୍ତ୍ତିପୂଜା ପରେ ଦୁଇ ତିନିଦିନ ରହୁଥିବାର ଦେଖାଯାଏ । ତା'ଛଡ଼ା ଏହି ପୂଜା ଉପଲକ୍ଷେ ସରସ୍ୱତୀ ଓ ଗଣେଶ ପୂଜାଭଳି ଭୋଜିଭାତର ଆୟୋଜନ ହୋଇଥାଏ । କିନ୍ତୁ ଏଠାରେ ଗୋଟିଏ ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ପୂଜାମାନଙ୍କରେ ସାଧାରଣତଃ ଆମିଷ ଭୋଜନର ନିଷେଧ ଥାଏ କିନ୍ତୁ ଶ୍ରୀବିଶ୍ୱକର୍ମା ପୂଜା ଉପଲକ୍ଷେ ଯେଉଁ ଭୋଜି ହୁଏ ଏଥିରେ କେତେକ ସ୍ଥାନରେ ମାଛ ମାଂସର ପ୍ରଚଳନ ଦୃଷ୍ଟିଗୋଚର ହୁଏ । ଫଳରେ ବିଶ୍ୱକର୍ମା ପୂଜା ଆଜି କେବଳ ବଢ଼େଇ ସଂପ୍ରଦାୟରେ ସୀମିତ ନାହିଁ । ବ୍ରାହ୍ମଣ, କରଣ, ବଢ଼େଇ, କାରଖାନା ଓ ଶିଳ୍ପାୟତନରେ କାର୍ଯ୍ୟରତ ବ୍ୟକ୍ତିମାନେ ଏ ପୂଜା କରୁଛନ୍ତି ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, : ୯୯୩୭୪୭୦୯୮୦*

# ଦେବଶିଳ୍ପୀ ବିଶ୍ୱକର୍ମା

◆ ଡାକ୍ତର ଦୀନବନ୍ଧୁ ମହାରଣା(ଡି.ଲିଟ୍)

ବିଶ୍ୱକର୍ମା ପୂଜା ଅନ୍ୟାନ୍ୟ ଦେବଦେବୀଙ୍କ ପୂଜା ଭଳି ଏକ ପାରମ୍ପରିକ ପୂଜା, ଯାହା ଓଡିଶାରେ କେବଳ ନୁହେଁ, ଭାରତର ଅନ୍ୟ ରାଜ୍ୟ ଯଥା, ବଙ୍ଗଳା, ବିହାର ଆଦି ଅଂଚଳରେ ମଧ୍ୟ ଅନୁଷ୍ଠିତ ହୁଏ । ଏହା ସାର୍ବଜନୀନ ନୁହେଁ, ନିର୍ଦ୍ଦିଷ୍ଟ ବୃତି ବା ପେସାର ଲୋକେ ବିଶ୍ୱକର୍ମାଙ୍କୁ ସେମାନଙ୍କର ଇଷ୍ଟ ଭାବରେ ଆରାଧନା କରିଥାନ୍ତି । ସେମାନଙ୍କ ମଧ୍ୟରେ ବଢେଇ, କମାର ଓ ତନ୍ତୀ ଇତ୍ୟାଦି ସଂପ୍ରଦାୟ ସେମାନଙ୍କର ଜୀବିକାର୍ଜନର ମୁଖ୍ୟ ମାଧ୍ୟମକୁ ପୂଜା କରିଥାନ୍ତି । ଏହି ଉପଲକ୍ଷେ ବିଶ୍ୱକର୍ମାଙ୍କ ଏକ କଳ୍ପିତ ମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଏ । ଗଣେଶ, ଦୁର୍ଗା, କାର୍ତିକ ପ୍ରଭୃତି ଦେବଦେବୀଙ୍କୁ ଯେଉଁ ବିଧି ବିଧାନରେ ପୂଜା କରାଯାଏ, ସେହିପରି ବିଶ୍ୱକର୍ମାଙ୍କ ମୂର୍ତ୍ତି ମଧ୍ୟ ପୂଜିତ ହୁଅନ୍ତି । ଏହା ଆଶ୍ୱିନ ମାସ ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଥାଏ । ଗଣେଶ ପୂଜା ପରେ ଓ ଦୁର୍ଗା ପୂଜା ପୂର୍ବରୁ ବିଶ୍ୱକର୍ମା ପୂଜା ପ୍ରାୟ ପଡିଥାଏ । ଏହା କିପରି ଓ କାହିଁକି ଆମ ସାମାଜିକ ଜୀବନରେ ଗ୍ରହଣୀୟ ହୋଇଛି, ତା'ର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ, ବିଶ୍ୱକର୍ମାଙ୍କୁ ସଂସାର ଜୀବନର ନିର୍ମାତା ଭାବେ କୁହାଯାଏ । ସେ ହିଁ ସଂସାରର ଶିଳ୍ପକଳାକୁ ସୃଷ୍ଟି କରିଥିଲେ । ମୋଟ ଉପରେ ବିଶ୍ୱକର୍ମା ହେଉଛନ୍ତି ଶିଳ୍ପ, ସ୍ଥାପତ୍ୟ ଓ ବିଭିନ୍ନ ସାଜ ସରଞ୍ଜାମ ନିର୍ମାଣକର୍ତ୍ତା । ଜୀବନକୁ ସୁଖ ସମୃଦ୍ଧି ଦାନ କରିବା ପାଇଁ ଏହା ଉଦ୍ଦିଷ୍ଟ । ଆଜିକାଲି ପ୍ରତ୍ୟେକ ମିସ୍ତ୍ରୀ, କାରିଗର, ଇଂଜିନିୟର, ଯନ୍ତ୍ର ଚାଳକ ଏହି ପୂଜାରେ ନିଜକୁ ନିୟୋଜିତ କରିଥାନ୍ତି । ଜୀବିକାର୍ଜନ ପାଇଁ ବ୍ୟବହୃତ ଯନ୍ତ୍ରପାତି ଏହି ଦିନ ପରିଷ୍କାର ପରିଚ୍ଛନ୍ନ କରାଯାଏ ଏବଂ ସେହିସବୁ ମାଧ୍ୟମମାନଙ୍କର ଗୁରୁତ୍ୱକୁ ଅନୁଭବ କରାଯାଏ । ବିଶ୍ୱକର୍ମା ମୂର୍ତିରେ ଅଦ୍ଭୁତ ସମନ୍ୱୟ ରହିଛି । ବିଶ୍ୱକର୍ମା ଚତୁର୍ଭୁଜ ସଂପନ୍ନ, ବାମ ପାର୍ଶ୍ୱର ଉପର ହସ୍ତରେ ବଟାଳି ଓ ବାମ ତଳ ହସ୍ତରେ ହାତୁଡି ବା ନିକିତି ଥାଏ । ଦକ୍ଷିଣ ପାଖ ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ ସୂଚକ ମୁଦ୍ରା । ଏହାଙ୍କ ବର୍ଣ୍ଣ ଗୌର ଏବଂ ବାହନ ହାତୀ ଓ ହଂସ ଉଭୟର ପ୍ରଚଳନ ଅଛି । ଦୁଇଟି ନେତ୍ର, ପରିଧେୟ ବସ୍ତ୍ର ଓ କାନ୍ଧରେ ଉ□ରୀୟ ଏବଂ ସ୍କନ୍ଧରେ ପଇତା ଓ ପୁଷ୍ପମାଳ । ଏସବୁ ପଛରେ ଏକ ତାତ୍ତ୍ୱିକ ଦୃଷ୍ଟିକୋଣକୁ ମଧ୍ୟ ବିଚାରତ କରାଯାଇପାରେ । ଯନ୍ତ୍ର ହେଉଛି ଜୀବନ ଧାରଣର ଏକ ମାଧ୍ୟମ । ବିଶେଷକରି ଆଜିର ବିଜ୍ଞାନ ଯୁଗରେ ଯାନ୍ତ୍ରିକ ସଭ୍ୟତାର ବିପୁଳ ପ୍ରସାର ଯୋଗୁଁ ଯେଉଁ ପ୍ରଗତିର ସ୍ରୋତ ବହି ଚାଲିଛି ତାହା ମୂଳରେ ରହିଛି ଏହି ଯନ୍ତ୍ର । ତେଣୁ ଯନ୍ତ୍ର ଚାଳନା କରୁଥିବା ପ୍ରତ୍ୟେକ ବୃତିର ଲୋକେ ଜାତି, ବର୍ଣ୍ଣ ବିଶ୍ୱାସ ଉର୍ଦ୍ଧ୍ୱରେ ବିଶ୍ୱକର୍ମାଙ୍କ ପୂଜା କରିଥାନ୍ତି । ଏ ସଂକ୍ରାନ୍ତରେ ଆଜି ପର୍ଯ୍ୟନ୍ତ ବିସ୍ତୃତ ତଥ୍ୟ ତର୍ଜମା କରାଯାଇନାହିଁ । ବିଶ୍ୱକର୍ମା ଜଣେ ଦେବଶିଳ୍ପୀ । ଏହି କଥା ଆମେ ପୁରାଣ ଓ କିମ୍ବଦନ୍ତୀରୁ ଜାଣିଛୁ । ଦେବଶିଳ୍ପୀରୁ ମାନବ ଶିଳ୍ପୀରେ ସେ ହିଁ ରୂପାନ୍ତରିତ ହୋଇଛନ୍ତି । ଏହି ଉପଲକ୍ଷେ ସମସ୍ତ ଯନ୍ତ୍ର ଆଧାରିତ କଳ କାରଖାନା ଓ ଯାନବାହାନାଦିକୁ ପବିତ୍ର ଭାବନାରେ ପୂଜା କରିବାର ଧାରା ଚାଲିଆସିଛି । ଏହାର ପ୍ରାଚୀନ ତତ୍ତ୍ୱ ରହିଛି ଯେ ବିଶ୍ୱକର୍ମା ହେଉଛନ୍ତି ବ୍ରହ୍ମାଙ୍କର ପୁତ୍ର । ସେ ହିଁ ସ୍ୱର୍ଗପୁରୀର ନିର୍ମାଣ କରିଥିଲେ । ତାଙ୍କୁ ମଧ୍ୟ ସୂର୍ଯ୍ୟ ଭାବେ ପୂଜା କରାଯାଏ । କିନ୍ତୁ ଲୋକାଚାରରେ ସେ ହେଉଛନ୍ତି ରାଜମସ୍ତ୍ରୀ, ବଢେଇ, କମାର ଓ ଯେକୌଣସି କଳ କବଜାର ମିସ୍ତ୍ରୀ । ଏହିଦିନ ସର୍ବତ୍ର ଯେଉଁଠି ଶିଳ୍ପ ସଂସ୍ଥା ରହିଛି ସେଠି ବିଶ୍ୱକର୍ମାଙ୍କ ପୂଜା ମହା ସମାରୋହରେ ପାଳିତ ହେଉଛି । କାରିଗରୀ କୌଶଳ ବା ଟେକ୍ନୋଲୋଜି ଯାହାକୁ କୁହାଯାଏ, ତା'ର ଉଦ୍ଭାବକ



ଭାବେ ବିଶ୍ୱକର୍ମାଙ୍କୁ ଗ୍ରହଣ କରାଯାଇଛି । ବିଶ୍ୱକର୍ମା ପୂଜା ସଂପର୍କରେ କିମ୍ବଦନ୍ତୀ କୁହେ ଯେ, ଭଗବାନ ବ୍ରହ୍ମାଙ୍କୁ ସୃଷ୍ଟି ନିର୍ମାଣ ଦାୟିତ୍ୱ ଦେଇଥିଲେ । ବ୍ରହ୍ମାଙ୍କର କୌଣସି ମନ୍ଦିର ବା ପୂଜା କରିବାର ପରମ୍ପରା ଦେଖାଯାଏ ନାହିଁ । କୁହାଯାଏ ଯେ, ବ୍ରହ୍ମା ଅପୂଜ୍ୟ । କିନ୍ତୁ ତାଙ୍କୁ କେବଳ ସୃଷ୍ଟିର ନିର୍ମାତା ଭାବେ ବର୍ଷକର ଗୋଟିଏ ଦିନ ମୃଣ୍ମୟ ମୂର୍ତି ଦ୍ୱାରା ଶିଳ୍ପୀମାନେ ପୂଜା କରିଥାନ୍ତି । ସେ ବୈକୁଣ୍ଠପୁରରେ ଥାନ୍ତି । ଜଗନ୍ନାଥଙ୍କ ମୂର୍ତି ନିର୍ମାଣ ବିଶ୍ୱକର୍ମା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି । ଶ୍ରୀକୃଷ୍ଣ ସୁଦାମା ପ୍ରସଙ୍ଗରେ କୁହାଯାଏ ଯେ, ଶ୍ରୀକୃଷ୍ଣ ତାଙ୍କ ବାଲ୍ୟସଖା ସୁଦାମାଙ୍କ ବନ୍ଧୁତ୍ୱର ଅକାଟ୍ୟ ବନ୍ଧନରେ ସନ୍ତୁଷ୍ଟ ହୋଇ ତାଙ୍କର ଦାରିଦ୍ର୍ୟ ଦୂର କରିଥିଲେ ଏବଂ ବିଶ୍ୱକର୍ମାଙ୍କୁ ଆଦେଶ ଦେଇ ତାଙ୍କ ପାଇଁ ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରିଥିଲେ । ସେହିପରି ଶ୍ରୀମନ୍ଦିର ତ୍ୟାଗ କରି ମହାଲକ୍ଷ୍ମୀ ନିଜ ପିତ୍ରାଳୟକୁ ଆସିବା ପରେ ନିଜ ପାଇଁ ଏକ ସୁନ୍ଦର ପ୍ରାସାଦ ନିର୍ମାଣ କରିବାକୁ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶ୍ୱକର୍ମା ସଙ୍ଗେ ସଙ୍ଗେ ସମୁଦ୍ର କୂଳରେ ମହାଲକ୍ଷ୍ମୀଙ୍କ ଅବସ୍ଥାନ ନିମନ୍ତେ ପ୍ରାସାଦ ନିର୍ମାଣ କରିଥିଲେ ବୋଲି ପୁରାଣ ଶାସ୍ତ୍ରରୁ ଜଣାପଡେ । ସର୍ବପ୍ରଥମେ ଏହି ପୂଜା ଗାଁ ଗହଳର ବଢେଇ, କମାର, ରାଜମିସ୍ତ୍ରୀ ଓ ତନ୍ତୀ ଇତ୍ୟାଦି ଜାତିର ଲୋକେ ଘଟସ୍ଥାପନ ପୂର୍ବକ ସେମାନଙ୍କର ଉପକରଣକୁ ପୂଜା କରୁଥିଲେ । ବର୍ତମାନ ଯେଉଁ ମୂର୍ତି ପୂଜା ଚାଲିଛି ସେଥିରେ ସେହି ପ୍ରକାର ଉପକରଣର ପ୍ରତୀକ ସ୍ୱରୂପ ବଟାଳୀ, ହାତୁଡି, ନିକିତି ଇତ୍ୟାଦି ରଖାଯାଇଛି । ପୁଣି ତାହା ସହିତ ତାଙ୍କ ଦେବ ଶିଳ୍ପୀ ଭାବେ କଳନା କରିବାରେ ବ୍ରହ୍ମାଙ୍କ ଋଷି ପ୍ରତିମା ମୂର୍ତିରେ ପରିଣତ କରାଯାଇଛି । କିନ୍ତୁ ବ୍ରହ୍ମା ଚତୁର୍ମୁଖ ହେଲା ବେଳେ ଏହି ମୂର୍ତି ଚତୁର୍ହସ୍ତ ବିଶିଷ୍ଟ । ତେବେ ଯାହା ହେଉଛି ଶିଳ୍ପ ସଭ୍ୟତାର ବିକାଶ ଓ ପ୍ରସାର ଯୋଗୁ ଆଜି ପ୍ରତ୍ୟେକ କାରିଗର ଓ କଳ କାରଖାନାରେ ଏହା ପାଳିତ ହେବାର ଦେଖାଯାଉଛି । ବିଶେଷକରି ବିଦ୍ୟୁତ ବିଭାଗ, ମୁଦ୍ରଣ ବିଭାଗ, ଯାନବାହାନ ଇତ୍ୟାଦି ଯନ୍ତ୍ର ଚାଳିତ ବସ୍ତୁକୁ ଶ୍ରଦ୍ଧାର ସହିତ ବିଧି ବିଧାନ ଅନୁଯାୟୀ ଉପାସନା କରାଯାଉଛି । ଓଡିଶାରେ ଏହା ପ୍ରାୟ ପ୍ରତ୍ୟେକ ଅଂଚଳରେ ପାଳନ କରାଯାଉଛି । ବିଶ୍ୱକର୍ମା ଏକ ଯାନ୍ତ୍ରିକ ଜାତିର ବା ମେକାନିକ୍ ରେସ୍‌ର ପ୍ରତିଷ୍ଠାତା ।

ଏହି ବିଶ୍ୱକର୍ମା ବଂଶର ଲୋକେ କୋଣାର୍କ , ପୁରୀ, ଭୁବନେଶ୍ୱର ଭଳି ସ୍ଥାପତ୍ୟର ନିର୍ମାଣ କରି ଯାଇଛନ୍ତି । ଶିଳ୍ପୀର ହାତରେ ଭଗବାନଙ୍କ ସ୍ରଷ୍ଟା ଭାବନା ଫୁଟିଉଠେ । ଭଗବାନଙ୍କୁ ମଧ୍ୟ ସେହି କାରଣରୁ ବିଶ୍ୱକର୍ମା ଭାବରେ ନାମିତ କରାଯାଇଛି । ଆଜିର ଯୁଗରେ ଯନ୍ତ୍ର ଯେତେବେଳେ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ସମସ୍ତ ଗଠନମୂଳକ କାର୍ଯ୍ୟ କରି ଚାଲିଛି, ସେତେବେଳେ ବିଶ୍ୱକର୍ମାଙ୍କ ପୂଜା ଆରାଧନାର ତାତ୍ପର୍ଯ୍ୟ ରହିଛି । ପ୍ରତ୍ୟେକ ଶିଳ୍ପ ବା ଇଣ୍ଡଷ୍ଟ୍ରୀର କର୍ମଚାରୀ ଏହି ପୂଜାରେ ସାମିଲ ହୁଅନ୍ତି । କେବଳ ନିର୍ଦ୍ଦିଷ୍ଟ ଜାତିର ଲୋକେ ଯେ ଏହି ପୂଜା କରୁଛନ୍ତି ତା ନୁହେଁ, ଯନ୍ତ୍ର ଯୁଗରେ ଆବ୍ରାହ୍ମଣ ଚାଣ୍ଡାଳ ସମସ୍ତେ ଯନ୍ତ୍ରର ସାହାଯ୍ୟ ନେବା ସ୍ୱାଭାବିକ । ସେଥିପାଇଁ ଯେକୌଣସି ଜାତି, ବର୍ଣ୍ଣ ଯେ ହେଉ ପଛକେ ସେ ଯଦି ଜଣେ ଯନ୍ତ୍ରୀ ବା ମେକାନିକ ହେବେ ସେ ବିଶ୍ୱକର୍ମା ପୂଜାର ଅଂଶୀଦାର ହୋଇପାରେ । ଏହି ଦୃଷ୍ଟିରୁ ବିଶ୍ୱକର୍ମାଙ୍କୁ ଭଗବାନଙ୍କର ଏକ ରୂପ ବୋଲି ଗ୍ରହଣ କରିବାରେ କିଛି ବିରୋଧ ନାହିଁ । ଏହି ବିରାଟ ବିଶ୍ୱର ଜଣେ କେହି ବିଧାତା ଅଛନ୍ତି । ଏ ବିଶ୍ୱାସ ଯେପରି କରାଯାଇଛି, ସେହିପରି ଆମର ସମାଜର ବାସ୍ତବ ଜୀବନ ଉପଯୋଗୀ ଉପକରଣଗୁଡିକର ନିର୍ମାତାମାନଙ୍କୁ ଆମେ ବିଶ୍ୱକର୍ମା ଜାତି ବା ବିଶ୍ୱକର୍ମା ବୋଲି କହିଥାଉ । ଏଥିରେ କୌଣସି ଜାତିଗତ ସ୍ୱାର୍ଥ ବା ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଆଜିକାଲି ଯେ ଗୋଟିଏ ଯନ୍ତ୍ର ଆଧାରିତ ସଂସ୍ଥାରେ କାର୍ଯ୍ୟ କରୁଛି ସେ ବିଶ୍ୱକର୍ମା ମଣିଷଟିଏ ହୋଇ ଯାଇଛି ହସ୍ତଶିଳ୍ପ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ ଶିଳ୍ପ ପର୍ଯ୍ୟନ୍ତ । ତେଣୁ ଏହି ବିଶ୍ୱକର୍ମା ପୂଜାର ପବିତ୍ର ଭାବନା ଦ୍ୱାରା ସମସ୍ତେ ଏକତାବଦ୍ଧ ହେବା ଉଚିତ । ଏହି ଅବସରରେ ଆମେ ଦେବଶିଳ୍ପୀ ବିଶ୍ୱକର୍ମା ଓ ତାଙ୍କର ମାନବୀୟ ମାଧ୍ୟମମାନଙ୍କୁ ଶ୍ରଦ୍ଧା କରିବା ଉଚିତ । ନିର୍ମାଣର ଦେବତା ଭାବେ ଗୃହୀତ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ବିଭିନ୍ନ ଶିଳ୍ପ ସଂସ୍ଥା ଓ ନିର୍ମାଣ ସଂକ୍ରାନ୍ତ ଅନୁଷ୍ଠାନରେ ଆଡମ୍ବର ସହକାରେ ପାଳିତ ହେଉଛି । ଏଥିପାଇଁ ରାଜ୍ୟର ଶିଳ୍ପ ନଗରୀଗୁଡିକ ଚଳଚ□ଳ ହୋଇଉଠିଛନ୍ତି । ସଂପ୍ରତି କୋଭିଡ୍ କଟକଣା ଯୋଗୁଁ ବିଶ୍ୱକର୍ମା ପୂଜା ଉତ୍ସବ ଗତ ଦୁଇ ବର୍ଷ ଧରି ଫିକା ପଡିଯାଇଥିବା ବେଳେ, ବର୍ତମାନ ପରିସ୍ଥିତିରେ ସୁଧାର ଆସିଥିବାରୁ ଚଳିତ ବର୍ଷ ଶିଳ୍ପ ନଗରୀଗୁଡିକ ବିଶ୍ୱକର୍ମା ପୂଜା ନିମନ୍ତେ ଉତ୍ସବ ମୁଖର ହୋଇଉଠିଛନ୍ତି ।

*ଅଧକ୍ଷ, ଓଡିଶା ଆୟୁର୍ବେଦ ସେବା ସଂସ୍ଥା,୧୧୧, ଓଏମପି ଛକ, ମ୍ୟୁନିସିପାଲିଟି ମାର୍କେଟ, କଟକ, ଫୋନ-୯୪୩୭୦୪୩୧୦୩*

# ବିଶ୍ୱକର୍ମା ପୂଜା



ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଓଡ଼ିଶାର କଳାକାରମାନେ ବିଶ୍ୱକର୍ମାଙ୍କୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି । କିମ୍ବଦନ୍ତୀ କହେ, ସ୍ୱୟଂ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱକର୍ମା ନିର୍ମାଣ କରିଥିଲେ । ଲକ୍ଷ୍ମୀ ପୁରାଣରୁ ଜଣାଯାଏ, ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀଜଗନ୍ନାଥ ମହାପ୍ରଭୁ ଚଣ୍ଡାଳୁଣୀ କହି ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରୁ ବାହାର କରିଦେବା ପରେ ମା'ବିଶ୍ୱକର୍ମାଙ୍କୁ ନିବେଦନ କରିଥବଲେ ମନ୍ଦିରଟିଏ ତୋଳିଦେବା ପାଇଁ । ମା'ଙ୍କ ଆଜ୍ଞା ପାଇ ବିଶ୍ୱକର୍ମା ବୈକୁଣ୍ଠ ସମାନ ନଅର ନିର୍ମାଣ କରିଥିଲେ । ଭାଗବତ ଅନୁସାରେ, ଶ୍ରୀକୃଷ୍ଣଙ୍କୁ ନିଜ ଦୁଃଖ ଜଣାଇବାକୁ ସୁଦାମା ଦ୍ୱାରକା ଯାଇଥିଲେ । କିନ୍ତୁ ମନକଥା ପ୍ରକାଶ କରିନପାରି ଘରକୁ ଫେରିଥିଲେ । ହେଲେ ଅନ୍ତର୍ଯ୍ୟାମୀ ପ୍ରଭୁ ସବୁ ଜାଣି ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ପ୍ରିୟ ସଖା ସୁଦାମାଙ୍କ ପାଇଁ ପ୍ରସାଦା ନିର୍ମାଣ କରି ଧନ୍ୟଧାନ୍ୟ ଗୋପଲକ୍ଷ୍ମୀରେ ପୂର୍ଣ୍ଣ କରିବା ପାଇଁ । ଦ୍ୱାରକାସ୍ଥିତ ଶ୍ରୀକୃଷ୍ଣଙ୍କ ପୁର ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭାଗବତରୁ ଜଣାଯାଏ । ଆଶ୍ୱିନ ସଂକ୍ରମଣ ଦିନ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୁଏ । ଦେଶର ଅଗ୍ରଗତି ସଙ୍ଗେ ସଙ୍ଗେ ଶିଳ୍ପର ବିକାଶ ଫଳରେ ଆଧୁନିକ ଯୁଗରେ ବିଶ୍ୱକର୍ମା ପୂଜା ବହୁଳ ପ୍ରସାରିତ ହୋଇଛି । କଳକାରଖାନା, ଶିଳ୍ପାୟନ ଗୁଡ଼ିକରେ ମୂର୍ତ୍ତି ପୂଜା ବେଶ ଧୂମଧାମରେ ହେଉଛି ।

# ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ

◆ ଗୌରାଙ୍ଗ କୁମାର ନାୟକ

ଜଗନ୍ନାଥ : ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତି ନିର୍ମାଣ କରିବା ପାଇଁ ବଢ଼େଇ ଖୋଜୁଥିଲେ । ଏହି ସମୟରେ ଜଣେ ବୁଢ଼ା ବଢ଼େଇ ଆସି ପହଂଚ୍ ଥିଲେ । ସେ ଯେ ମୂର୍ତି ନିର୍ମାଣ କରିପାରିବେ ରାଜା ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣର ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇ ସର୍ତ ରଖିଲେ ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ । ସେ ଉପବାସ କରି ମୂର୍ତି ନିର୍ମାଣ କରିବେ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । ହଠାତ୍ ଆଉ ଶବ୍ଦ ନଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ସେ ଭାବିଲେ ବୁଢ଼ା ବଢ଼େଇ ମୃତ୍ୟୁ ବରଣ କରିଛନ୍ତି । ଗୁଣ୍ଡିଚାରାଣୀଙ୍କ ଅନୁରୋଦରୁ ଦ୍ୱାର ଉନ୍ମୁକ୍ତ କରାଗଲା । ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି – ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି । ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ କାରିଗର ବିଶ୍ୱକର୍ମା ।

ଲକ୍ଷ୍ମୀଙ୍କ ଗୃହ : ଲକ୍ଷ୍ମୀ ପୁରାଣରୁ ମଧ୍ୟ ଜଣଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର । ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା'ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରକୁ ବାହାର କରିଦେଲେ ସେତେବେଳେ ମାଆ



ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ । ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ ।

ସୁଦାମା : ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ । ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ । ସୁଦାମା ନିଜର ମନକଥା କୃଷ୍ଣଙ୍କ ପାଖରେ ପ୍ରକାଶ କରିନଥିଲେ ମଧ୍ୟ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର । ସଙ୍ଗେ ସଙ୍ଗେ ଦେବ ଦେବ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମା ପ୍ରାସାଦ ନିର୍ମାଣ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିପବା ଲାଗି । ଦ୍ୱାରକା ଭୁବନରେ ଥିବା କୃଷ୍ଣଙ୍କପୁର ମଧ୍ୟ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭଗବତରୁ ଜଣାଯାଏ ।

ଦେବାଦେବୀଙ୍କ ବ୍ୟବହାର୍ଯ୍ୟ ବସ୍ତୁ : ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି ନିର୍ମାଣ କରିଥିଲେ । ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ନିର୍ମାଣ କରିଥିଲେ ଭଗବାନ ବିଶ୍ୱକର୍ମା ।

ସୂର୍ଯ୍ୟ କିରଣ ସୃଷ୍ଟି : ଜୀବଜଗତକୁ ତିଷ୍ଠି ରଖିବାରେ ସହାୟକ ହେଉଥିବା ସୂର୍ଯ୍ୟ କିରଣ ମଧ୍ୟ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ରାଜବଲ୍ଲଭ ବାସ୍ତୁଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି । ଏହି ବର୍ଣ୍ଣନା ଅନ୍ୟ ଗ୍ରନ୍ଥରେ ମଧ୍ୟ ଦେଖିବାକୁ ମିଳେ । ବିଶ୍ୱକର୍ମାଙ୍କୁ କମ୍ୱାସୂତ୍ର, ପୁସ୍ତକ ଓ ଜ୍ଞାନସୂତ୍ର ଧାରକ । ହଂସ ଉପରେ ଆରୁଢ଼, ସର୍ବଦୃଷ୍ଟିଧାରକ, ଶୁଭ ମୁକୁଟ ଓ ବୃଦ୍ଧକାୟ ବୋଲି କୁହାଯାଏ । ବିଶ୍ୱର ସର୍ବପ୍ରଥମ ଟେକ୍‌ନିକ୍ ଗ୍ରନ୍ଥ ବିଶ୍ୱକର୍ମୀୟ ଗ୍ରନ୍ଥ ବୋଲି ମନାଯାଏ । ବିଭିନ୍ନ ଗ୍ରନ୍ଥ ମଧ୍ୟରେ ବିଶ୍ୱକର୍ମୀୟ ଗ୍ରନ୍ଥ ବହୁତ ପ୍ରାଚୀନ ମନାଯାଏ । ଏହି ଗ୍ରନ୍ଥରେ ବାସ୍ତୁବିଦ୍ୟା, ରଥର ବାହାନ, ମାନବ ଓ ଦେବବାସ୍ତୁ ବିଦ୍ୟା ଗଣିତର ସୂତ୍ର ଏକା ସାଙ୍ଗରେ ରହିଛି । ଏହା ସମସ୍ତ ପ୍ରାମାଣିକ ଓ ପ୍ରାସଙ୍ଗିକ ।

*'ମହାବୀର', ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୮୮୯୫୦୭୯୯୨୯*





## ଦେଶୀ ମଦ ଜବତ: ୩ ଗିରଫ

ସିମୁଳିଆ(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଥାନା ଅନ୍ତର୍ଗତ ଗଣ୍ଡିବେଡ଼ ବଜାର, ଶୁଣ୍ଢୀରା ବଜାର ଓ ବ୍ରାହ୍ମଣ ପୋଖରୀ ଛକ ନିକଟରେ ଚଢ଼ାଉ କରାଯାଇ ୮୦ ଲିଟର ଦେଶୀ ମଦ ଜବତ କରିବା ସହିତ ଶୁଣ୍ଢୀରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ, ଅଚ୍ୟୁତପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ ଓ ଗନ୍ଧାଳୀ ଗ୍ରାମର ମଂଟୁ ମୁଖୀ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ମାମଲା ରୁଜୁ କରାଯାଇଛି ।

## ଲିଟିଲ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ସୋର(ନିପ୍ର): ସୋର ପୌରାଂଚଳ କମରପୁରସ୍ଥ ଲିଟିଲଷ୍ଟାର କ୍ଲବ ପକ୍ଷରୁ ପବିତ୍ର ଗଣେଶ ପୂଜା ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କମରପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପୂର୍ବତନ ସୋର ପୌରାଧକ୍ଷା ସସ୍ମିତା ଦାସ ଓ ପୂର୍ବତନ ପାରିଷଦ ରଞ୍ଜନ ଦାସ ଉଦଘାଟନ କରିଥିଲେ । ଶିବିରରୁ ମୋଟ ୩୨ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଡାକ୍ତର କମଲେଶ ଜାଠ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନିଳଗିରୀ ରକ୍ତ ଭଣ୍ଡାରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲ । କ୍ଲବର ସଭାପତି ସନ୍ଦୀପ ଅଗ୍ରୱାଲ, ସଂମ୍ପାଦକ ଶୁଶାନ୍ତ ମଣ୍ଡଳ ଓସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ମୃତଦେହ ନେଇ ଶ୍ମଶାନ ଯାଉଥିବା ବେଳେ ଟ୍ରକ୍ ଧକ୍କା, ୫ ଗୁରୁତର

ବ୍ରହ୍ମପୁର ଦିଗପହଣ୍ଡି(ନିପ୍ର): ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ରାଜନାପଲ୍ଲୀ ନିକଟରେ ଗତକାଲି ସନ୍ଧ୍ୟାରେ ଶବ ଶୋଭାଯାତ୍ରାକୁ ଟ୍ରକ୍ ଧକ୍କା ଦେବାରୁ ୪ ଜଣ ମହିଳାଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ରାୟଗଡ଼ାରୁ ବ୍ରହ୍ମପୁର ଆସୁଥିବା ଟ୍ରକ୍ ?ଟି ନିୟନ୍ତ୍ରଣ ହରାଇ ଶୋଭା ଯାତ୍ରାରେ ଥିବା ଲୋକଙ୍କୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା । ସେହି ସମୟରେ ତପ୍ତପାଣି ରାସ୍ତା ଦେଇ ଆସୁଥିବା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଘଟଣା ସ୍ଥଳରେ ପହଂଚି ୩ ଜଣ ଆହତଙ୍କୁ ନିଜ ଗାଡ଼ିରେ ଦିଗପହଣ୍ଡି ଡାକ୍ତରଖାନାକୁ ନେଇଥିଲେ । ପରେ ଅଗ୍ନିଶମ ବାହିନୀ ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରିଥିଲା । ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କୁ ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

## ପୁରୁଷୋତମ ସ୍ୱସ୍ତିସେବା ସତସଙ୍ଗର ୨୬ତମ ପୂଜ୍ୟପୂଜା ଶ୍ରଦ୍ଧା ଭକ୍ତି କାର୍ଯ୍ୟକ୍ରମ ଉଦ୍‌ଘାଟିତ

କଟକ(ନିପ୍ର): ମେରିଆ ବଜାରସ୍ଥିତ ପୁରୁଷୋତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମର ୨୬ତମ ପୂଜ୍ୟପୂଜା ଶ୍ରଦ୍ଧାଭକ୍ତିର କାର୍ଯ୍ୟକ୍ରମ ତଥା ପୂଜ୍ୟପାଦ ବସନ୍ତଦାଙ୍କର ଦ୍ୱାଦଶ ପୂଣ୍ୟତିଥି ଦିବସ ପାଳିତ ହୋଇଯାଇଛି । ପ୍ରାତଃ ଅଧିବେଶନ ପ୍ରଭାତ କାଳୀନ ପ୍ରାର୍ଥନା ପରେ କାର୍ଯ୍ୟକ୍ରମରେ ଜଗତପୁର ଇପିକଲ ଛକର ପାର୍ଶ୍ୱବର୍ତୀ ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଶ୍ରଦ୍ଧା ଭକ୍ତିର ଆଦର୍ଶ ମହା ବୃକ୍ଷ ସହିତ ଅନ୍ୟାନ୍ୟ ଜରୁରୀ କାଳୀନ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଓ ଯୁବ ସଂଗଠକମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ଅର୍ଘ୍ୟ - ଶ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜ୍ୟପୂଜାରେ ପିତା ମାତା ଓ ଗୁରୁଜନ ମାନଙ୍କ ପୂଜା ଅର୍ଚ୍ଚନା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜୁଲି ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଶକ୍ତିର ଉତ୍ସ ଯୁବ ସମାଜର ସଭାପତି ଇଞ୍ଜିନିୟର ହରିହର ସେଠୀ ଓ ଉପ ସଭାପତି ଡାକ୍ତର ଅକ୍ଷୟ ମିଶ୍ର ଏବଂ ସ୍ୱାମୀ ସତ୍ୟ ଚୈତନ୍ୟଙ୍କ ସହିତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ୱାସ୍ଥ୍ୟ, ସଦାଚାର ଓ ସତସଙ୍ଗ ବିଷୟରେ ଆଲୋକପାତ କରିଥିଲେ । ଏଥି ସହ ଯୋଗ ଅନୁଷ୍ଠାନ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା ଅନୁଷ୍ଠାନ, ଆକ୍ୟୁପ୍ରେସର, ମାଇଣ୍ଡ ଟ୍ରେନର ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଏକ ବୃହତ୍ ସତସଙ୍ଗ ଆୟୋଜନ କରାଯାଇଲା । ଏଥିରେ କଟକ ଭୁବନେଶ୍ୱର ଓ ଓଡ଼ିଶା ସତସଂଗର ବହୁ ବରିଷ୍ଠ ରିତିକ ଗୁରୁଭାଇ ଓ ମାଆ ମାନଙ୍କ ସହିତ ଓଡ଼ିଶାର ବହୁ ବୁଦ୍ଧିଜବୀ ଯୋଗଦାନ କରିଥିଲେ । ଅନୁଷ୍ଠାନର ପୂଜ୍ୟପୂଜା ଶ୍ରଦ୍ଧା ଭକ୍ତି କାର୍ଯ୍ୟକ୍ରମରେ ପୁରୁଷୋତମ ପରମ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ଓ ଓଡ଼ିଶା ସତସଂଗର ପ୍ରାଣ ପ୍ରତିଷ୍ଠାତା ବରିଷ୍ଠ ରିତିକ ବସନ୍ତ ଦାଙ୍କର ଦ୍ୱାଦଶ ପୁଣ୍ୟତିଥି ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସାଧାରଣ ସମ୍ପାଦକ ଦେବ ଦ୍ୱିତୀ ସ୍ୱାଇଁ, କୋଷାଧକ୍ଷ ପ୍ରବୀର ମହାନ୍ତି, ଯୁଗ୍ମ ସମ୍ପାଦକ ହରେ କୃଷ୍ଣ ବାରିକ, ସଂଗଠନ ସମ୍ପାଦକ ବୈଦ୍ୟନାଥ ବେହେରା, ଉମେଶ ସାହୁ, ସଙ୍ଗୀତା ସ୍ୱାଇଁ, ଶୁଭକାନ୍ତ ମିଶ୍ର, ରୀନା ରାଣୀ ବାରିକ, ବିଷ୍ଣୁ ପ୍ରିୟା ଶତପଥୀ, ସୁଶାନ୍ତ ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

## ବନ୍ୟା ସର୍ଭେରେ ରାଜସ୍ୱ ନିରୀକ୍ଷକଙ୍କ ମନମାନି: କାର୍ଯ୍ୟାନୁଷ୍ଠାନ ଲାଗି ଦାବି

ଜଳେଶ୍ୱର(ନିପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ, ବସ୍ତା ବ୍ଲକ ବନ୍ୟା ପ୍ରଭାବିତ ତାଡଦା ପଂଚାୟତ ରେ ପଲିଥିନ ପ୍ରଦାନ ଏବଂ କ୍ଷତିଗ୍ରସ୍ତ ଙ୍କ ଗୃହ ସର୍ଭେ ରେ ରାଜସ୍ୱ ନୀରିକ୍ଷକ ଙ୍କ ମନମାନି ଓ ଦବଙ୍ଗ୍ ଗିରିକୁ ଲୋକେ ଘୋର ବିରୋଧ କରିଛନ୍ତି । ସୂଚନା ଅନୁସାରେ ସୁବର୍ଣ୍ଣରେଖା ଏବଂ ଜଳକା ନଦୀର ୩ଥର ବନ୍ୟାରେ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ ସର୍ଭେ ଲାଗି ସିଂଲା ଆର ଆଇ ପ୍ରଭୁରାମ କାସ୍ତୁ ଙ୍କୁ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ସରକାରୀ କର୍ମଚାରୀ ଜଣଂକ ସମ୍ପର୍କୀୟ ଲୋକଙ୍କ ପ୍ରରୋଚନାରେ ପଡି ଯୋଗ୍ୟ ହିତାଧିକାରୀଙ୍କ ଘରକୁ ନଯାଇ ପକ୍କାଘର ଥିବା ଲୋକଙ୍କୁ ପଲିଥିନ ଯୋଗାଇବା ଅଭିଯୋଗ ହୋଇଛି । ଏହାସହିତ ଘରକୁ ଘର ନବୁଲି, ହାଫ୍ ପ୍ୟାଂଟ ପିନ୍ଧି ବାଇକ୍ ଉପରେ ଏକ ସ୍ଥାନରେ ବସି ଦବଙ୍ଗ୍ ସାଶକ ଭଳି ସର୍ଭେ କରିବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବହୁ ବନ୍ୟା ବିପନନ୍ନଙ୍କ ଘରେ ପାଣି ପଶି ଭାଙ୍ଗିଥିବା ବେଳେ ସେମାନଂକୁ କ୍ଷତିଗ୍ରସ୍ତ ତାଲିକା ଭୁକ୍ତ ନକରିବା ଅଭିଯୋଗ ହୋଇଛି । ଏନେଇ ସାଧାରଣ ରେ ଘୋର ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ,ରତ୍ନାକର ଜେନା, ବିଶ୍ୱଜିତ୍ ଧଳ, ବାସନ୍ତୀ ଦାସ, ଗୋପିଳ ଚନ୍ଦ୍ର ବେହେରା, ପଦ୍ମ ଲୋଚନ ଦଳାଇ, ବାସନ୍ତୀ ଦାସ, ଚିନ୍ମୟୀ ଜେନା, ଶାନ୍ତନୁ ଦାସ, ମହେଶ୍ୱର ଜେନା, ଗୋପାଳ ଦେ ପ୍ରମୁଖ ୪୦ ଜଣ ପ୍ରଭାବିତ ଲୋକ ଦସ୍ତଖତ ଜରିଆରେ ପ୍ରଶାସନ କୁ ପତ୍ର ଲେଖିଛନ୍ତି । ବାଲେଶ୍ୱର ଜିଲ୍ଲାପାଳ, ଉପ ଜିଲ୍ଲାପାଳ ତହସିଲଦାର, ବିଡ଼ିଓ ଙ୍କୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ପତ୍ର ଦେବା ସହିତ ପୁନଃ ସର୍ଭେ ପାଇଁ ଗୁହାରୀ ଜଣାଇଛନ୍ତି ।

## ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜଳେଶ୍ୱର(ନିପ୍ର): ନବାଗତ ଶିକ୍ଷାର୍ଥୀଙ୍କୁ ଶିକ୍ଷାନୁଷ୍ଠାନ ସମ୍ପର୍କରେ ପରିଚିତି ଓ ସହଜ କରେଇବା ଲକ୍ଷ୍ୟରେ ଦିଗମ୍ବରୀ ଦେବୀ ଶିକ୍ଷା ସମୂହ ରେ ପାରମ୍ପାରିକ ଢଙ୍ଗରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାର ଜଳେଶ୍ୱର ସହର, ଦେଉଳୀ ପଚୁଂଘଂଟା ସ୍ଥିତ +୨ ବିଜ୍ଞାନ ବିଦ୍ୟାଳୟରେ ଆୟୋଜିତ ସଭାରେ ଚେୟାରମେନ ଡଃ ଅଜିତ କୁମାର ମହାନ୍ତି ଅଦ୍ଧକ୍ଷତା କରି ବିଦ୍ୟାଳୟକୁ ଆପଣେଇ ନେଲେ ସଫଳତା ମିଳଥାଏ ବୋଲି କହିଥିଲେ ।ମୁଖ୍ୟ ଅତିଥି ଭାବେ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ନବାଗତା ଛାତ୍ର ଛାତ୍ରୀ ଙ୍କୁ ଶୃଙ୍ଖଳା ସାଧନା ପାଳନ ସମ୍ପର୍କରେ ଉପାଦେୟ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶରତ ପରିଡା, ସମ୍ପାଦିକା ମଧୁଛନ୍ଦା ମହାନ୍ତି ପ୍ରମୁଖ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟ ରେ ବକ୍ତବ୍ୟ ରଖିଥିଲେ । ସାଇ କ୍ରିଷ୍ଣା ନର୍ସିଂ କଲେଜ ର ଅଧକ୍ଷ ବିଷ୍ଣୁ ପ୍ରିୟା ବେହେରା, ସମାଜସେବୀ ଅନନ୍ତ କୁମାର ଦାସ, ପ୍ରାକ୍ତନ ଅଧାପିକା ଇନ୍ଦୁମତି ଗିରି, ଅଧାପକ ସତ୍ୟମୟ ଆଚାର୍ଯ୍ୟ, ଅଧାପକ ମାନସ ମାଇତି, ଆଇ ଟି ଆଇ ଅଧକ୍ଷ ପ୍ରକାଶ ଦିନ୍ଦା, ଫାର୍ମସୀ କଲେଜର ସମସ୍ତ ଅଧାପକ ଉପସ୍ଥିତ ହୋଇ ଅଭିଭାଷଣ ରଖିଥିଲେ । +୨ଦ୍ୱିତୀୟ ବର୍ଷର ଶିକ୍ଷାର୍ଥୀ ମାନେ ନବାଗତା ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

## ନୂଆଁଖାଇରେ ହସ୍ପିଟାଲ ସଫା କଲେ ‘ଦ ଫୋର୍ସ’



ଲଖନପୁର(ନିପ୍ର): ଦେଶର ସୁରକ୍ଷା ପାଇଁ ବର୍ଷସାରା ଘରଠାରୁ ଦୂରେ ରହୁଥିବା ଯବାନମାନେ ନୂଆଁଖାଇ ପର୍ବରେ ନିଜ ଜନ୍ମମାଟିକୁ ଫେରିଥିଲେ । ହେଲେ ଏଥର ନୂଆଁଖାଇ ଭେଟଘାଟ କେବଳ ଭାଇଚାରା ଓ ଆନନ୍ଦରେ ସୀମିତ ରହିଲା ନାହିଁ; ଜନ୍ମଭୂମିର ସେବାକୁ ମଧ ପର୍ବର ଏକ ଅଂଶ କରି ଦେଖାଇଛନ୍ତି ଲଖନପୁର ବ୍ଲକ ସୀମାନ୍ତ ଉଣେଇଶ ଖଣ୍ଡ ମୌଜାର ଯବାନମାନେ । କେହି ଓଡ଼ିଶା ପୁଲିସରେ, କେହି ବିଏସଏଫରେ, ଆଉ କେହି ସେନା, ସିଆରପିଏଫ, ଆଇଟିବିପି, ଆସାମ ରାଇଫଲସ ଓ ଅଗ୍ନିଶମ ବାହିନୀରେ କାର୍ଯ୍ୟରତ । ମଣିପୁରରୁ କାଶ୍ମୀର, ବେଙ୍ଗାଲୁରୁରୁ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ରିଜର୍ଭ ପୁଲିସ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନିଜ ଦାୟିତ୍ୱ ତୁଲାଉଥିବା ଏହି ଯବାନମାନେ ନୂଆଁଖାଇ ଛୁଟିରେ ନିଜ ଗାଁକୁ ଫେରିଥିଲେ । ସେମାନଙ୍କ ସହ ସ୍ଥାନୀୟ ଅବସରପ୍ରାପ୍ତ ସୈନ୍ୟ ଅଧିକାରୀମାନେ ମଧ ସାମିଲ ହୋଇଥିଲେ । ବାସି ନୂଆଁଖାଇ ଅବସରରେ ବୁଧବାର ଏହି ଯବାନମାନେ ଚାଂଟିପାଲି ହସ୍ପିଟାଲ ପରିସରରେ ସଫେଇ ଅଭିଯାନ ଆରମ୍ଭ କରିଥିଲେ । ସମସ୍ତେ ମିଳିତ ଭାବେ ହସ୍ପିଟାଲ ପରିସରର ଅଳିଆ ଆବର୍ଜନା ସଫା କରିବା ସହ ଏହାକୁ ପରିଷ୍କାର ଓ ସୁନ୍ଦର କରିଥିଲେ । ବର୍ଷସାରା ନିଜ ନିଜ କର୍ମକ୍ଷେତ୍ରରେ ବ୍ୟସ୍ତ ରହୁଥିବା ଏହି ଯବାନମାନଙ୍କ ପାଇଁ ନୂଆଁଖାଇ ହେଉଛି ନିଜ ପରିବାର, ବନ୍ଧୁବାନ୍ଧବ ଓ ବାଲ୍ୟକାଳର ସାଙ୍ଗମାନଙ୍କୁ ଭେଟିବାର ଏକ ବିରଳ ସୁଯୋଗ । ବର୍ଷକୁ ଥରେ ଏକାଠି ହୋଇ ସେମାନେ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ନିଜ ଜୀବନର ସୁଖଦୁଃଖ ପରସ୍ପର ମଧରେ ବାଂଟି ନିଅନ୍ତି । ଏହି ଅବସରରେ ‘ଦ ଫୋର୍ସ’ର ସଦସ୍ୟମାନେ ପ୍ରତିବର୍ଷ ନୂଆଁଖାଇ ଛୁଟିରେ ଘରକୁ ଆସି ନିଜ ଅଂଚଳ ପାଇଁ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି । ସେହିପରି ପୁଲିସ, ସେନା, ଅର୍ଦ୍ଧସାମରିକ ବାହିନୀ ଓ ଅଗ୍ନିଶମ ବାହିନୀରେ ଯୋଗଦେବା ପାଇଁ ପ୍ରସ୍ତୁତି କରୁଥିବା ଅଂଚଳର ଯୁବକ-ଯୁବତୀଙ୍କୁ ମାଗଣା ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେବା ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ମଧ ସେମାନେ ନିଷ୍ପତି ନେଇଛନ୍ତି । ଏହି ପ୍ରୟାସରେ ସ୍ଥାନୀୟ ମହିଳା ଯବାନମାନେ ମଧ ସାମିଲ ହୋଇ ନିଜର ସହଯୋଗ ଓ ସଂକଳ୍ପ ପ୍ରକାଶ କରିଛନ୍ତି । ଦେଶର ସୀମା ସୁରକ୍ଷାରେ ନିୟୋଜିତ ଏହି ମାଟିର ପୁଅ-ଝିଅମାନେ ନିଜ ଜନ୍ମମାଟି ପାଇଁ ମଧ କିଛି କରିବାର ଏହି ଭାବନା ଅଂଚଳବାସୀଙ୍କ ମନ ଜିଣିଛି ।

## ପାର୍ବଣ ଓ ଦୁର୍ଗା ପୂଜା କାର୍ଯ୍ୟକ୍ରମ ପ୍ରସ୍ତୁତି ସଭା




କଟକ(ନିପ୍ର): ବିଡ଼ାନାସୀ, ଚହଟା ସ୍ଥିତ ସ୍ଥାନୀୟ ସୀୟାରାମ କନଭେନସନରେ ପାର୍ବଣ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ପ୍ରସ୍ତୁତି ସଭା ଓ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ସହ ପ୍ରତିଷ୍ଠାତା ଅମୀୟ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା ଓ କଟକ ସିଗ୍ନେଚର ସଂଗଠନର ଅନ୍ୟାନ୍ୟ ସଭ୍ୟ ଓ ସଭ୍ୟାମାନେ ସହଯୋଗ କରିଥିଲେ । ଏହି ଅବସରରେ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ନାଥ ସାହୁ, ଦିପାୟନ ପଟ୍ଟନାୟକ, ହାବୁଦା ଏବଂ ଅନ୍ୟମାନେ ଉପସ୍ଥିତ ହୋଇ ପ୍ରସ୍ତୁତି ବୈଠକରେ ବକ୍ତବ୍ୟ ରଖିଥିଲେ । ୧- ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ଯାତ୍ରାରେ ସମ୍ବଦ୍ଧନା ମଂଚ କରିବା ପାଇଁ ଇଚ୍ଛା ପ୍ରକାଶ କରୁଅଛୁ । ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅନୁମତି ମିଳିବାରେ ସମସ୍ୟା ରହୁଥିବାରୁ ଆମକୁ ଏ କ୍ଷେତ୍ରରେ ସହାୟତା କରିବା ପାଇଁ ଆମେ କଟକ ପୂର୍ବାଂଚଳ ଶାନ୍ତି କମିଟି ସଭାପତି ଓ ସମ୍ପାଦକଙ୍କୁ ଅନୁରୋଧ କରୁଛୁ ଇ ୨- ଗଣେଶ ପୂଜାରେ ବିଭିନ୍ନ କ୍ଲବ ମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କୁ ଫଳକ ପ୍ରଦାନ କରାଯିବ । ୩- ଷୋଳପୁଅ ମା ପୂଜାରେ ବିଭିନ୍ନ ଘଟ ପୂଜା କମିଟି ମାନଙ୍କୁ ଫଳକ ପ୍ରଦାନ କରାଯିବ । ୪- ଦୁର୍ଗାପୂଜାରେ ସମସ୍ତ ୧୬୦ ମଣ୍ଡପରେ ଜଗତଜନନୀ ମା ଦୁର୍ଗା, ଶ୍ରୀ ଶ୍ରୀ ହରପାର୍ବତୀ, ଶ୍ରୀ ଶ୍ରୀ କାଳୀୟ ଦଳନ ଓ ପିତୁଳା ପୂଜା କମିଟି ମାନଙ୍କୁ ଶାରଦୀୟ ପୂଜା ଭେଟି ସମର୍ପଣ କରାଯିବ । ୫- ଚଳିତ ବର୍ଷ ପ୍ରଥମ ଥର ପାଇଁ କଟକ ସିଗ୍ନେଚର ତରଫରୁ ଏକ ସର୍ଭେ କରାଯାଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୂଜା କମିଟିଙ୍କୁ ଏକ ଆୱାର୍ଡ଼ ପ୍ରଦାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ।

## ଟ୍ରେଡିଂରେ ଋଣ ପାଇଁ ଚାଲିଗଲା ଜୀବନ

ସୋର(ନିପ୍ର): ଅନଲାଇନ ଟ୍ରେଡିଂରେ ବ୍ୟାପକ କ୍ଷତି ହେବା ସହ ଋଣର ଭାର ବଢିଯିବାରୁ ଜଣେ ଯୁବକ ଭଡ଼ା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ବାଲେଶ୍ୱର ଅରଡ଼ବଜାରର ପ୍ରଭାତ ରଞ୍ଜନ ପାଢ଼ୀ (୪୩)ଗତ ଏକ ବର୍ଷ ଧରି ସୋର ଘୋଡ଼ା ସାହି ଦାମୋଦର ସାହୁଙ୍କ ଘରେ ଭଡା ସୂତ୍ରରେ ରାହୁଥିଲେ । ସେ ଅନଲାଇନ ଟ୍ରେଡିଂରେ ବ୍ୟାପକ କ୍ଷତି ସହିବା ସହିତ ଧାର କରଜରେ ବୁଡି ରହିଥିବାରୁ ଅନେକ ଲୋକ ତାଙ୍କୁ ବାରମ୍ବାର ଫୋନ କରିଥିବା ତାଙ୍କ ମା କହିଥିଲେ । ଫଳରେ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିବାରୁ ଗତ ଦୁଇଦିନ ତଳେ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ନେଇ ବାଲେଶ୍ୱରରେ ଛାଡି ଘରେ ଏକାକୀ ରାହୁଥିଲେ । ପରିବାର ଲୋକଙ୍କ ସହ କଥା ହୋଇଥିବା ବେଳେ ଅପରାହ୍ନ ପର୍ଯ୍ୟନ୍ତ ପରିବାର ଲୋକଙ୍କ ଫୋନ ଉଠାଇ ନଥିଲେ । ଫଳରେ ପରିବାର ଲୋକେ ଆଜି ସୋରରେ ଥିବା ଭଡାଘର ପହଂଚି କବାଟ ବନ୍ଧ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଓ ଅଗ୍ନିଶମ ବାହିନୀ ଉପସ୍ଥିତ ରେ ଚାବି ଭାଙ୍ଗି ପ୍ରଭାତଙ୍କୁ ଶୋଇବା ଘର ଫ୍ୟାନରେ ରଶି ଲଗାଇ ଝୁଲିଥିବାର ଦେଖିଥିଲେ । ପରେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆସନ୍ତା କାଲି ପୋଷ୍ଟମର୍ଟମ ହେବ ବୋଲି ଜଣାପଡ଼ିଛି । ଏମିତି ଅଘଟଣ କେମିତି ଘଟିଲା ଉପଯୁକ୍ତ ତଦନ୍ତ କଲେ ଜଣାପଡ଼ିବ ।

## ପୋଲ ବଦଳରେ ହୋମ୍ ପାଇପ୍: ହେକ୍ଟର ହେକ୍ଟର ଜମି ଜଳମଗ୍ନ

ସୋର(ନିପ୍ର): ସୋର ବ୍ଲକ ନଦୀଗାଁ ପଂଚାୟତ ହୀରା ନଦୀରୁ ସୃଷ୍ଟି ହୋଇଥିବା ନୂଆନାଳ ରାସ୍ତା ଉପରେ ପୋଲ ବଦଳରେ ଏକ ସଂକୀର୍ଣ୍ଣ ହୋମପାଇପ୍ ପକାଯାଇଥିବା ଯୋଗୁଁ ପାଣି ନିଷ୍କାସିତ ହୋଇ ନପାରି ହେକ୍ଟର ହେକ୍ଟର ଜମି ଜଳମଗ୍ନ ହୋଇ ରହିବା ଫଳରେ ଏଥିରେ ରୁଆଯାଇଥିବା ବିହନ ତଳ ଏବେ ପଚି ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ପଂଚାୟତ ଗୁହାଳଡିହୀ ଜେନାସାହିରୁ ଶିଆଳକାଣ୍ଡିକୁ ଯିବା ରାସ୍ତାରେ ଥିବା ନୂଆନାଳରେ ବର୍ଷାଦିନେ ପ୍ରବଳ ପାଣି ପ୍ରବାହିତ ହୋଇଥାଏ । ଏହି ନାଳକୁ ପଂଚାୟତ ତରଫରୁ ୨୦୨୨ ମସିହାରେ ପାଂଚ ଲକ୍ଷ ଟଙ୍କା ବ୍ୟୟରେ ହୀରାନଦୀ ମୁହରୁ ବଇଁଶୀଖର୍ଜୀ ପର୍ଯ୍ୟନ୍ତ ସଫା କରାଯିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ କରାନଯାଇ ଛାଡ଼ି ଦିଆଯାଇଛି । ଅପର ପକ୍ଷରେ ଏହି ରାସ୍ତା ଉପରେ ଏକ ପୋଲ ନିର୍ମାଣ କରାଯିବା ବଦଳରେ ଏକ ଅଣଓସାରିଆ ହୋମପାଇପ ପକାଯାଇଥିବାରୁ ଉପରମୁଣ୍ଡରୁ ପାଣି ନିଷ୍କାସିତ ହୋଇ ନପାରି ଚାଷଜମି ବୁଡ଼ି ରହିବା ଫଳରେ ଧାନଗଛ ପଚି ଯାଉଥିବା ଦେଖାଯାଇଛି । ଆଗାମୀ ଦିନରେ ଏହି ହୋମପାଇପ୍ ହଟାଯିବା ସହିତ ନାଳକୁ ସଫା କରାଯିବା ପାଇଁ ସ୍ଥାନୀୟ ଚାଷୀମାନେ ଦୃଢ଼ ଦାବି କରିଛନ୍ତି ।

## ୫୯ତମ ଇଂଜିନିୟର୍ସ ଦିବସ ପାଳିତ




କଟକ(ନିପ୍ର): କଟକ ସିଟି ଇଂଜିନିୟର୍ସ କ୍ଲବର ଅଣଷଠିତମ ଇଂଜିନିୟର୍ସ ଦିବସ ଇଂ. ଗୋପାଳକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଓଡିଶା ସରକାରଙ୍କ କୋଠାବାଡି ବିଭାଗର ପ୍ରାକ୍ତନ ଇ ଆଇ ସି ଇଂ ବିଜୟ ଚନ୍ଦ୍ର ତପାଠୀ ମୁଖ୍ୟ ଅତିଥି ଏବଂ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗର ଇଆଇସି ଇଂ ଦିଲ୍ଲୀପ କୁମାର ରାଉତ ମୁଖ୍ୟ ବ୍ୟକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫଟୋରେ ଅତିଥିମାନେ ପୁଷ୍ପ ମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ । ଉପସଭାପତି ଇଂ ଦେବୀ ପ୍ରସ । ଦ ନନ୍ଦ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ -କ୍ଲବର ପତ୍ରିକା ଇଂଜିନିୟର୍ସ ଭଏସ-୨୦୨୬ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏହି ପତ୍ରିକା ଉନ୍ମୋଚନରେ ଇଂ ଗଗନବିହାରୀ ଛାଟୋଇ ସହାୟତା କରିଥିଲେ- ଏତତଃ ବ୍ୟତୀତ କ୍ଲବର ପାଟ୍ରନ ସଭ୍ୟା ଡଃ ସୁବାଶିନୀ ଲେଙ୍କାଙ୍କ ଦ୍ୱାରା ରଚିତ ପୁସ୍ତକ ଅକୁହାକଥା ଓ ଅନ୍ୟାନ ଗଳ୍ପ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କ୍ଲବର ସାଧାରଣ ସମ୍ପାଦକ ଇଂ ରମାକାନ୍ତ ପ୍ରଧାନ କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ । ଇଂ. ଗୋପାଳ କୃଷ୍ଣ ବେହେରା ଭାରତ ରତ୍ନ ଇଂ. ଏମ. ବିଶ୍ୱେସୋରାୟାଙ୍କ ଜୀବନୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଓ ସଭାପତିଙ୍କ ଅଭିଭାଷଣ ପରେ ଇଂ ଯଦୁନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ, ଇଂ. ପ୍ରମୋଦ କୁମାର ନାୟକ, ଇଂ ଶୂନ୍ୟାଶ୍ୱର ସ୍ୱାଇଁ, ଇଂ. ଅକ୍ଷୟ କୁମାର ବଡଜେନା, ଇଂ. ମୁବାସର ଅହମ୍ମଦ, ଇଂ. ଜର୍ଜ ପଟ୍ଟନାୟକ, ଇଂ. ସୁବ୍ରତ କୁମାର ସାହା, ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।





# ବଲାଙ୍ଗିରରେ ଆରମ୍ଭ ହେଲା ସ୍ୱଦେଶୀ ଶିଳ୍ପ ମହୋତ୍ସବ

ବଲାଙ୍ଗିର : (ହି.ସ.) - ସୃଷ୍ଟି ହେଲପିଙ୍ଗ ହ୍ୟାଣ୍ଡ କଲ୍ୟାଣ ସଂଘ ତରଫରୁ ଆଜିଠାରୁ ଆରମ୍ଭ ହେଉଛି ସ୍ୱଦେଶୀ ଶିଳ୍ପ ମହୋତ୍ସବ । ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଏକମାସ ପାଇଁ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ତଥା ବିକ୍ରୟ ମେଳାକୁ ସାଂସଦ ସଂଗୀତା ସିଂହଦେଓଙ୍କ ନୋମିନି ଦିନେଶ ଶର୍ମା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଂଜନ ମିଶ୍ର ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ହସ୍ତଶିଳ୍ପ, ଖଦି ପରି ଜିନିଷର ଚାହିଦା ବଢାଇବାକୁ ଏହି ମେଳା ଓ ବିକ୍ରୟ କେନ୍ଦ୍ରର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ । ଭାରତର ବିଭିନ୍ନ ପ୍ରଦେଶରୁ ହସ୍ତତନ୍ତ, ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦ, ହସ୍ତଶିଳ୍ପ ଦ୍ରବ୍ୟ ଆସିଥିବା, ସୁଲଭ ମୂଲ୍ୟରେ ମିଳିବାକୁଥିବା ପରିଚାଳକ ବେଦ ପ୍ରକାଶ ତିୱାରୀ ଓ ପ୍ରେମରାମ ଦୁବେ ପ୍ରକାଶ କରିଛନ୍ତି ।

## ଦେଶୀ ମଦ ଚାଲାଣ : ଜଣେ ଗିରଫ

ଜୟପୁର : (ହି.ସ.)- ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଆମ୍ବାଗୁଡାର ହିରଣ ମୟ ବୈଷ୍ଣବ । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆମ୍ବାଗୁଡା ରାସ୍ତାରେ ଚଢଉ କରାଯାଇଥିଲା । ଚଢଉ କରି ୨୨ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପବିତ୍ର ୨୭ତମ ଭାଦ୍ରବ ପରିକ୍ରମା ଦିବସ



ବାରିପଦା ସ୍ଥିତ ରଘୁନାଥପୁର ଠାରେ ପ୍ରର୍ଥନା ଗୃହରେ ସ୍ଥାନୀୟ ସହପ୍ରତିରିତିକ୍ ରବିନ୍ଦ୍ରନାଥ ପାତ୍ରଙ୍କ ଅଧକ୍ଷତାରେ ଶ୍ରୀ ଶ୍ରୀ ଠାକୁରଙ୍କ ସତ୍‌ସଙ୍ଗ ପରିପାଳିତ ହୋଇଯାଇଅଛି । ଉକ୍ତ ସଦ୍‌ସଙ୍ଗରେ ବାରିପଦା ସହର ଓ ଆଖା ପାଖ ଏବଂ ବେତନଟୀ ଅଂଚଳର ପ୍ରାୟ ୪୫୦ ରୁ ଉର୍ଦ୍ଧ ଭକ୍ତବୃନ୍ଦ ଉପସ୍ଥିତ ରହି ଉତ୍ସବକୁ ପରିପାଳିତ କରିଥିଲେ । ପ୍ରାରମ୍ଭରେ ଶ୍ରୀ ଶ୍ରୀ ଠାକୁରଙ୍କର ପବିତ୍ର ଗ୍ରନ୍ଥ ସତ୍ୟାନୁସରଣ ପାଠ ଗୁରୁଭ୍ରାତା ସୁଦାମ ପାଲ୍ ଏବଂ ନାରୀର ନିତୀ ପାଠ ଯାଜକ ଶ୍ରୀ ଦେବାନନ୍ଦ ବେହେରା ପାଠ କରିଥିଲେ । ପ୍ରାରମ୍ଭିକ ସୂଚନା ଯାଜକ ଶ୍ରୀ ଦେବାନନ୍ଦ ଦାସ ଶ୍ରୀ ଶ୍ରୀ ଠାକୁରଙ୍କର ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ତତ୍‌ପରେ ଡାକ୍ତର ଯାଜକ ଡ. ବିରେଶ୍ୱର ଜ୍ୟୋତିଷ ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମ ବାଲ୍ୟଲିଳା ବିଷୟରେ ଆଲୋଚନା କରିଥିଲେ । ଏହା ବ୍ୟତିତ ଭଜନ ସମାରୋହର ମୁଖ୍ୟାଂଶରେ ଶ୍ରୀ ଶ୍ରୀ ଠାକୁରଙ୍କର ସହପ୍ରତିରିତିକ୍ ମୁକ୍ତିକାନ୍ତ ନାଏକ, ସହପ୍ରତିରିତିକ ଶ୍ରୀଯୁକ୍ତ ବିଜ୍ଞାନ ଭୂଷଣ ମହାପାତ୍ର, ବେତନଟୀରୁ ଆଗତ ସୁଦିପ୍ତ କୁମାର ସାମଲ, ବାରିପଦାର ରାଧାକାନ୍ତ ପ୍ରଧାନ, ଯତିନ୍ ଦାସ ପ୍ରମୁଖ ରହି ସଂଗୀତାଞ୍ଜଳି ଦ୍ୱାରା ସୁନ୍ଦର ଓ ମଧୁମୟ କରିଥିଲେ । ସର୍ବ ଶେଷରେ ବେତନଟୀ ସତ୍‌ସଙ୍ଗ ବିହାରର ଭାରପ୍ରାପ୍ତ ଅଧିକାରୀ ତଥା ଶ୍ରୀ ଶ୍ରୀ ଠାକୁରଙ୍କ ସହ ପ୍ରତିରିତିକ ଶ୍ରୀଯୁକ୍ତ ଖଗେନ୍ଦ୍ରନାଥ ସାହୁ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଆଦର୍ଶ, ଆଗମନ, ଧରାଧାମକୁ ଆସି ମାନବ ସମାଜକୁ ପଥପ୍ରଦର୍ଶନ ସମ୍ପର୍କିତ ଏବଂ ଅସଜଡା ମାନବ ଜୀବନକୁ ସଜାଡିବାର କୌଶଳ ସମ୍ପର୍କିତ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଉକ୍ତ ସତ୍‌ସଙ୍ଗରେ ଆନନ୍ଦ ବଜାର, ପରିଚାଳନା ସାଜସଜ୍ଜା ତଥା ବ୍ୟବସ୍ଥା ଦାୟିତ୍ୱରେ ଶ୍ରୀ ଜୟନ୍ତ କୁମାର ସିଂ, ପ୍ରାନ୍ତ କୁମାର ସିଂ, ତପନ ମହାପାତ୍ର, ମନରଞ୍ଜନ ସାହୁ, ଦେବାନନ୍ଦ ବେହେରା, କୁମୁଦ ରଞ୍ଜନ ମିଶ୍ର, ସରୋଜ ଖୁଂଟିଆ, ରାଜା, ଦେବାନନ୍ଦ ଦାସ, ମୁନା, ଦିଲ୍ଲୀପ ବେହେରା ଇତ୍ୟାଦି ମୁଖ୍ୟାଂଶରେ ରହି ଉକ୍ତ ସତ୍‌ସଙ୍ଗକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ । ଉକ୍ତ ସତ୍‌ସଙ୍ଗରେ ଡ.ଅସୀମ କୁମାର ଚକ୍ରବର୍ତୀ ମୁଖ୍ୟପୁରୋଧା ଥିଲେ ।

# ମୟୂରଭଞ୍ଜ ଓଡ଼ିଶା ଡିପ୍ଲୋମା ସେବା ସଂଘ ଓ ରିଟାୟାର୍ଡ ସଂଘ ଆନୁକୂଲ୍ୟରେ ଇଂଜିନିୟର୍ସ ଦିବସ ପାଳିତ




ବାରିପଦା : ଓଡ଼ିଶା ଡିପ୍ଲୋମା ଇଂଜିନିୟର୍ସ ସର୍ଭିସ ଆସୋସିଏସନ୍ ତଥା ଓଡ଼ିଶା ରିଟାୟାର୍ଡ ଡିପ୍ଲୋମା ଇଂଜିନିୟର ସଂଘର ମିଳିତ ଆୟୋଜନରେ ବାରିପଦା ଓଡେଶା ଭବନ ଠାରେ ଇଂଜିନିୟର୍ସ ଦିବସ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି । ରିଟାୟାର୍ଡ ସଂଘର ସଭାପତି ଇଂ ସନତ କୁମାର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ ମନୋଜ ଦଳବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସଂଘର ଲକ୍ଷ ସଂପର୍କରେ ଆଲୋକପାତ କରିଥିବା ବେଳେ ଇଂ ବିକାଶ ପାଣି, ଇଂ ନାରାୟଣ ଭୂୟାଁ, ଇଂ ସଞ୍ଜୟ ପଢିଆରୀ, ଇଂ ମୀନକେତନ ଭୂୟାଁ, ପ୍ରକାଶ ଚନ୍ଦ୍ର ଉଦଣ୍ଡରାୟ, ଲିଙ୍ଗରାଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାରତ ରତ୍ନ ସାର୍ ମକ୍ଷୋଗୁଣ୍ଡମ୍ ବିଶ୍ୱେଶରାୟାଙ୍କ କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିଥିଲେ । ଇଂ ବିଶ୍ୱନାଥ ସାହୁ, ଇଂ ହରିଶ ଚନ୍ଦ୍ର ଦ୍ୱାରୀ, ଇଂ ବିଶ୍ୱରଞ୍ଜନ ପଣ୍ଡା, ଇଂ ଚିତରଞ୍ଜନ ନାୟକ, ଇଂ ସର୍ବେଶ୍ୱର ପରିଡ଼ା, ଇଂ ପରିକ୍ଷିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ସେବା ସଂକଳ୍ପ ପକ୍ଷ ପାଳନ ପାଇଁ ପ୍ରସ୍ତୁତି

ମାଲକାନଗିରି : (ହି.ସ.) - ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ 'ସେବା ସଂକଳ୍ପ ପକ୍ଷ' ପାଳନ କରାଯିବ । ଏନେଇ ବିଜେପି ଜିଲ୍ଲା ପ୍ରଭାରୀ ରମେଶ ଜେନା ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଛନ୍ତି । ସେପ୍ଟେମ୍ବର ୧୭ ତାରିଖ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ । ଏହି ଅବସରରେ ସନ୍ଧ୍ୟା ସମୟରେ ଦୀପଉତ୍ସବ ସହ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ । ସେହିପରି ୨୦୦୧ ଅକ୍ଟୋବର ୭ ତାରିଖରେ ନରେନ୍ଦ୍ର ମୋଦି ପ୍ରଥମଥର ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ଏହି ଦିନଟିକୁ ତାଙ୍କର ଜନସେବା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ଭାବେ ସ୍ମରଣ କରାଯିବ । ସପ୍ଟେମ୍ବର ୧୮ରୁ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବ । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମା'ମାନଙ୍କୁ ନେଇ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ । ଏହି ଅବସରରେ ବିଭିନ୍ନ ସରକାରୀ ବିଭାଗ ନିଜ ନିଜ ଲୋକକଲ୍ୟାଣକାରୀ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେବେ । ସରକାରୀ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ବ୍ଲକ୍ ମୁଖ୍ୟାଳୟରେ ସମ୍ମିଳନୀ ମାଧ୍ୟମରେ ଏକତ୍ରିତ କରାଯାଇ ଯୋଜନାର ସୁଫଳ ଓ ଉପଲବ୍ଧ ସୁବିଧା ସମ୍ପର୍କରେ ଅବଗତ କରାଯିବ । 'ସେବା ସଂକଳ୍ପ ପକ୍ଷ' ମାଧ୍ୟମରେ ଜନସାଧାରଣଙ୍କ ସହ ଯୋଡ଼ିହୋଇ ସେବା, ସୁଶାସନ ଓ ଲୋକକଲ୍ୟାଣକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି ବୋଲି ଶ୍ରୀ ଜେନା କହିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ଏକ ସର୍ବଗୁଣସମ୍ପନ୍ନ, ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାର 'ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ସେବା ସଂକଳ୍ପ ପକ୍ଷ ଏକ ପ୍ରାକ୍‌ପ୍ରସ୍ତୁତି ବୋଲି ସେ ପ୍ରକାଶ କରିଛନ୍ତି । ଅକ୍ଟୋବର ୭ ତାରିଖରେ 'ସେବା ସଂକଳ୍ପ ପକ୍ଷ'ର ସମାପନ କାର୍ଯ୍ୟକ୍ରମ ହେବ । ଏହି ସମଗ୍ର ପକ୍ଷକୁ ସଫଳ କରିବା ପାଇଁ ଦଳୀୟ କର୍ମକର୍ତା ଓ କର୍ମୀମାନେ ଜନସାଧାରଣଙ୍କ ସହ ଯୋଡ଼ିହୋଇ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି ।

# ସିଦ୍ଧି ବିନାୟକ ମନ୍ଦିରରେ ପ୍ରଥମ ଗଣେଶ ପୂଜା



ବାରିପଦା : ମୟୂରଭଞ୍ଜର ସର୍ବବୃହତ ସିଦ୍ଧି ବିନାୟକ ମନ୍ଦିରରେ ମନ୍ଦିର ନିର୍ମାଣ ପରେ ପ୍ରଥମ ଥର ପାଇଁ ଗଣେଶ ପୂଜା ଧୂମଧାମରେ ପାଳିତ ହୋଇଛି । ଗଣେଶ ଚତୁର୍ଥୀ ଅବସରରେ ଆୟୋଜିତ ଏହି ପୂଜାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ବାରିପଦା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସୁଅ ଛୁଟିଥିଲା । ସକାଳୁ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।ପୂଜା ପୂର୍ବରୁ ସିଦ୍ଧି ବିନାୟକ ମନ୍ଦିରକୁ ଆକର୍ଷଣୀୟ ଭାବରେ ସଜ୍ଜିତ କରାଯାଇଥିଲା । ଆଲୋକମାଳା ଓ ବିଭିନ୍ନ ସାଜସଜ୍ଜାରେ ମନ୍ଦିର ପରିସର ଝଲସି ଉଠିଥିଲା । ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ, ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଥିଲା । ପୂଜାର୍ଚ୍ଚନା ପାଇଁ ବହୁ ସଂଖ୍ୟକ ବ୍ରାହ୍ମଣଙ୍କୁ ନିଯୋଜିତ କରାଯାଇଥିଲା ।ତିନି ଦିନ ଧରି ପୂଜା ଚାଲିବାର ସୂଚନା ରହିଥିବାବେଳେ ଯଜ୍ଞ ପାଇଁ ମନ୍ଦିର ପରିସରରେ ବିଶାଳ ଯଜ୍ଞକୁଣ୍ଡର ବ୍ୟବସ୍ଥା କରାଯାଇଥିଲା । ବୈଦିକ ରୀତିନୀତି ଅନୁଯାୟୀ ପୂଜା, ହୋମ ଓ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶ୍ରଦ୍ଧାଳୁମାନେ ପରିବାର ସହ ମନ୍ଦିରରେ ପହଂଚି ପ୍ରଭୁ ଶ୍ରୀଗଣେଶଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ ।ଏହି ପ୍ରଥମ ବୃହତ୍ ଗଣେଶ ପୂଜାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର । ସେ ନିଜେ ପୂଜାରେ କର୍ତା ଭାବେ ଯୋଗଦେଇଥିଲେ । ଏଥିସହ ମନ୍ଦିର ପରିସରରେ ମନ୍ତ୍ରୀ ନିଜେ ଝାଡୁ ଧରି ସଫେଇ କରୁଥିବା ଦୃଶ୍ୟ ଉପସ୍ଥିତ ଭକ୍ତଙ୍କ ମନ ଜିଣିଥିଲା । ମନ୍ଦିର ସ୍ୱଚ୍ଛତା ସହିତ ସାଧାରଣ ଲୋକଙ୍କୁ ସ୍ୱଚ୍ଛତାର ବାର୍ତା ଦେବାର ଏହି ପଦକ୍ଷେପକୁ ଉପସ୍ଥିତ ଲୋକେ ପ୍ରଶଂସା କରିଥିଲେ ।ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ସହ ଶୃଙ୍ଖଳିତ ଭାବେ ଦର୍ଶନ କରାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନେ ଧାଡ଼ିରେ ମନ୍ଦିରକୁ ପ୍ରବେଶ କରି ଶୃଙ୍ଖଳିତ ଭାବେ ପୂଜାର୍ଚ୍ଚନା କରୁଥିଲେ । ଏହାଫଳରେ ପ୍ରବଳ ଜନଗହଳି ସତ୍ତ୍ୱେ ପୂଜା ବ୍ୟବସ୍ଥା ସୁରୁଖୁରୁରେ ଚାଲିଥିଲା ।ପୂଜା ଅବସରରେ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବିତରଣର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ପ୍ରଭୁ ଗଣେଶଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଅନ୍ନପ୍ରସାଦ ସେବନ କରି ଆନନ୍ଦର ସହ ଘରକୁ ଫେରିଥିଲେ ।ମନ୍ଦିର ନିର୍ମାଣ ପରେ ପ୍ରଥମ ବଡ଼ ପୂଜା ହୋଇଥିବାରୁ ଏହି ଗଣେଶ ପୂଜାକୁ ନେଇ ବାରିପଦାବାସୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହୋଇଥିଲା । ଭକ୍ତଙ୍କ ଭିଡ଼, ଭକ୍ତିମୟ ପରିବେଶ, ବୈଦିକ ପୂଜାର୍ଚ୍ଚନା ଓ ଅନ୍ନପ୍ରସାଦ ବିତରଣ ସିଦ୍ଧି ବିନାୟକ ମନ୍ଦିରର ପ୍ରଥମ ବୃହତ୍ ଗଣେଶ ପୂଜାକୁ ସ୍ମରଣୀୟ କରିଥିଲା ।

# ଆଇଟିବିପିର ୧୯ତମ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା : (ହି.ସ.) - ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ବିକ୍ରମ ନଗର କ୍ୟାମ୍ପ ପରିସରରେ ୪୧ତମ ବାହିନୀ ଭାରତ-ତିବ୍ବତ ସୀମା ପୋଲିସ ବଳ (ଆଇଟିବିପି)ର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଇଟିବିପି କ୍ଷେତ୍ରୀୟ ମୁଖ୍ୟାଳୟ, ଭୁବନେଶ୍ୱରର ଉପ-ମହାନିରୀକ୍ଷକ ବେଣୁଧର ନାୟକ ଏବଂ ହିମବୀର ୱାଇଫ୍ସ ୱେଲଫେୟାର ଆସୋସିଏସନ (ହାୱା)ର ଚିଫ୍ ଏକ୍ଜିକ୍ୟୁଟିଭ୍ ଗିରିଜା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ଧର୍ମୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପିଲାମାନଙ୍କ ପାଇଁ ଜିଲାପି ଦୌଡ଼, (ହାୱା) ସଦସ୍ୟାମାନଙ୍କ ପାଇଁ ବେଲନ୍ ଥ୍ରୋ, ମ୍ୟୁଜିକାଲ୍ ଚେୟାର ଏବଂ ମହିଳାମାନଙ୍କ ପାଇଁ ଛୁଂଚି-ସୂତା ଦୌଡ଼ ପ୍ରତିଯୋଗିତା ହୋଇଥିଲା । ଏଥିସହ ବିଭିନ୍ନ ପ୍ରକାରର ଷ୍ଟଲ୍ ମଧ୍ୟ ଖୋଲାଯାଇଥିଲା । ସେହିପରି ଯବାନମାନଙ୍କ ପାଇଁ ବସ୍ତା ଦୌଡ଼ ଓ ରସାକସି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବାହିନୀର ଯବାନ, (ହାୱା) ସଦସ୍ୟା ଓ ପିଲାମାନେ ଉତ୍ସାହର ସହ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଥିଲେ । ପ୍ରତିଷ୍ଠା ଦିବସ ଅବସରରେ ଏଭଳି କାର୍ଯ୍ୟକ୍ରମ ବାହିନୀର ସଦସ୍ୟ, ପରିବାରବର୍ଗ ଓ ପିଲାମାନଙ୍କ ମଧ୍ୟରେ ଭାଇଚାରା, ଏକତା ଓ ଉତ୍ସାହକୁ ସୁଦୃଢ଼ କରିଥିଲା ।

# ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଭୌରବୀଙ୍କ ପୀଠରେ ଲାଗିଲା ନବାନ୍ନ

ବୌଦ୍ଧ : (ହି.ସ.)- ନୂଆଖାଇ ଅବସରରେ ଆଜି ସମଗ୍ର ବୌଦ୍ଧ ଜିଲ୍ଲା ଉତ୍ସବ ମୁଖର ଓ ଚଳଚଂଚଳ ହୋଇ ଉଠିଛି । ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ । ପଶ୍ଚିମ ଓଡ଼ିଶାର ପ୍ରବେଶ ଦ୍ୱାରା ହେଲା ବୌଦ୍ଧ । ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା ଭୌରବୀଙ୍କ ପୀଠରେ ଆଜି ସକାଳ ୯ଟା ୪୫ ସମୟରେ ନବାନ୍ନ ଲାଗି କରାଯାଇଛି । ଏହି ଅବସରରେ ଏକ ସାଙ୍ଗରେ ଶହ ଶହ ଭକ୍ତ ନବାନ୍ନ ଭୋଗ ଗ୍ରହଣ କରିଛନ୍ତି । ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା ଭୌରବୀଙ୍କ ପୀଠରେ ଧାର୍ଯ୍ୟ ଲଗ୍ନରେ ନବାନ୍ନ ଲାଗି କରାଯାଇଥିଲା । ମହାନଦୀରେ ପୂଜା କରି ମହାନଦୀର ପବିତ୍ର ଜଳକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଦେବୀଙ୍କ ପାଇଁ ନବାନ୍ନ ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟ ପୁଜକ ଗୌରି ପ୍ରସାଦ ବଡମାଳି, ପାଳିଆ ପୂଜକ ତରଣୀ ବଡମାଳି ବିଧି ନିୟମ ପ୍ରକାରେ ସ୍ୱତନ୍ତ୍ର ପୂଜା କରିବା ପରେ ପ୍ରଥମେ ମା ଭୈରବୀଙ୍କ ଠାରେ ନବାନ୍ନ ଲାଗି କରିବା ପରେ ପାର୍ଶ୍ୱ ଦେବାଦେବୀମାନଙ୍କୁ ନବାନ୍ନ ଅର୍ପଣ କରିଥିଲେ । ଏହି ଅବସରରେ ମନ୍ଦିର ଚୂଡାରେ ନୂତନ ଧ୍ୱଜା ଲାଗିଥିଲା । ଭୈରବୀଙ୍କ ଠାରେ ମହାଆଳତି କରିବା ପରେ ଭକ୍ତ ମାନେ ସାମୁହିକ ଭାବେ ଦେବୀଙ୍କ ନବାନ୍ନ ସେବନ କରିଥିଲେ । ଜିଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ପୂଜା କରିଥିଲେ, ପରେ ଭକ୍ତମାନଙ୍କ ସହ ମିଶି ନବାନ୍ନ ସେବନ କରିଥିଲେ । ପୁଜା କାର୍ଯ୍ୟରେ ବିଭୂତି ଭୂଷଣ ବଡମାଳି, ସାନନ୍ଦ ବଡମାଳି, ଧନେଶ୍ୱର ବଡମାଳି, ବିଶୁ ବଡମାଳି, ରାଜା ବଡମାଳି, ଏକା ବଡ଼ମାଳି, ହରିହର ବଡ଼ମାଳି ଏବଂ ଅନ୍ୟ ମାନେ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଅମର ସାହୁ, ସମ୍ପଦ ଅଗ୍ରୱାଲ, ହରେଷ ନାୟକ, ଆଲୋକ ମହାପାତ୍ର, ବିଜୟ ମିଶ୍ର, ଶମ୍ଭୁ ପ୍ରସାଦ ମହାକୁଳଙ୍କ ସମତେ ଅନ୍ୟମାନେ ପରିଚାଳନା କରିଥିଲେ କ୍ଷ ଗଣମାଧ୍ୟମ ପ୍ରତିନିଧି ଓ ଶତାଧିକ ଭକ୍ତ ସାମିଲ ହୋଇଥିଲେ । ନୂଆଖାଇ – ଏକ ମିଳନର ପର୍ବ । ଗରିବ ଠାରୁ ଧନିକ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏକ ଭାଇଚାରାର ପର୍ବ । ଭେଦଭାବ ଭୁଲି ଭାଇ ଭାଇ, ପରିବାରର ସମସ୍ତ ସଦସ୍ୟ ଏକ ହୁଅନ୍ତି ନୂଆଖାଇ ପାଳିବା ପାଇଁ । ସେହିପରି ସହର ହେଉ କି ଗ୍ରାମ ହେଉ ସାଙ୍ଗ ସାଥୀ, ପଡାବାସୀ, ଗ୍ରାମବାସୀ ସମସ୍ତେ ମିଳିମିଶି ପାଳନ କରନ୍ତି ନୂଆଖାଇ । ଏକତ୍ର ହୁଅନ୍ତି ଭେଦଭାବ, ରାଗରୁଷ ମାନଅଭିମାନ ସବୁ ଭୁଲି । ଘର ଘରେ, ଗାଁ ଗାଁରେ ଢ଼ିଙ୍କିକୁଟା ନୂଆ ଚାଉଳରେ ଭାତ, ଖିରୀ, ଜୁଖା ତିଆରି ହୋଇଛି ନବାନ୍ନ ପାଇଁ । ତା' ସହିତ ହୋଇଛି ଭୋଜିଭାତର ଆସର । ସମସ୍ତଙ୍କ ଘରେ କୁଣିଆ, ବନ୍ଧୁବାନ୍ଧବରେ ଭରପୁର । ବାହାରେ କାମ କରୁଥିବା ଲୋକେ ସପରିବାର ଗାଁ କୁ ଆସି ନୂଆଖାଇରେ ସାମିଲ ହୋଇଛନ୍ତି । ଗ୍ରାମଦେବାଦେବୀଙ୍କ ଠାରେ ନବାନ୍ନ ଲାଗି କରିବା ପରେ ସମସ୍ତେ ନବାନ୍ନ ଗ୍ରହଣ କରିଛନ୍ତି । ନବାନ୍ନ ଭକ୍ଷଣ ପରେ ଆରମ୍ଭ ହୋଇଥିଲା ଭେଟଘାଟ ଓ ଜୁହାରମୁଣ୍ଡିଆର ପର୍ବ । ସାନ ମାନେ ବଡ ମାନଙ୍କୁ ମୁଣ୍ଡିଆ ମାରିବା ସହ ଆର୍ଶିବାଦ ଭିକ୍ଷା କରିଥିଲେ ଓ ନିଜ ନିଜ ଭିତରେ ଶୁଭେଚ୍ଛାର ଆଦାନ ପ୍ରଦାନ କରିଥିଲେ ।

# ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ଆତ୍ମହତ୍ୟା ସନ୍ଦେହ

ଚମ୍ପୁଆ :(ହି.ସ.)- ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ମହିଳା ଜଣକ ହେଲେ ଇନ୍ଦ୍ରପ୍ରସ୍ଥ ଗ୍ରାମର ମାଧବ ମହାନ୍ତଙ୍କ ପତ୍ନୀ ରଶ୍ମିତା ମହାନ୍ତ । ସୂଚନା ଅନୁଯାୟୀ, ସ୍ୱାମୀଙ୍କ ସହ ପାରିବାରିକ ମନୋମାଳିନ୍ୟ ଯୋଗୁଁ ରଶ୍ମୀତା ଦୀର୍ଘ ଦୁଇ ବର୍ଷ ହେବ ସ୍ୱାମୀଙ୍କୁ ଛାଡ଼ି ବାପଘର ରାମଚନ୍ଦ୍ରପୁରରେ ରହି ଆସୁଥିଲେ । ତାଙ୍କର ଦୁଇ ସନ୍ତାନ ବାହାରେ ରହୁଥିବା ଜଣାପଡ଼ିଛି । ତେବେ ଗତ ଦୁଇଦିନ ପୂର୍ବେ ସେ ହଠାତ୍ ବାପଘରୁ କେଉଁଆଡ଼େ ଚାଲିଯାଇଥିଲେ । ଆଜି ସକାଳେ ସ୍ଥାନୀୟ ଲୋକେ ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ । ଏହାପରେ ସ୍ଥାନୀୟ ବାସିନ୍ଦା ରଶ୍ମିତାଙ୍କ ପରିବାର ଓ ପୋଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ । ଖବର ପାଇ ଚମ୍ପୁଆ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ୍ୟୁ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପ୍ରାଥମିକ ଦୃଷ୍ଟିରୁ ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି ।

# ଭଦ୍ରକରେ ଆୟୁର୍ବେଦ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଦାବି

ଭଦ୍ରକ : (ହି.ସ.) - ଭଦ୍ରକ ଜିଲ୍ଲା ସଦର ମହକୁମାରେ ଏକ ସ୍ୱତନ୍ତ୍ର ଆୟୁର୍ବେଦ ଚିକିତ୍ସାଳୟ ପ୍ରତିଷ୍ଠା କରିବା ଦାବି ଜୋରଦାର ହୋଇଛି । ଏନେଇ ଭଦ୍ରକ ଆୟୁର୍ବେଦ ଚିକିତ୍ସକ ସଂଘ ପକ୍ଷରୁ ଡାକ୍ତରମାନେ ରାଜ୍ୟ ବିଜେପି ସଭାପତି ତଥା ଭଦ୍ରକର ବରିଷ୍ଠ ରାଜନେତା ମନମୋହନ ସାମଲଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆୟୁର୍ବେଦ ଚିକିତ୍ସା ପ୍ରତି ଲୋକଙ୍କ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଭଦ୍ରକ ଜିଲ୍ଲା ସଦର ମହକୁମାରେ ଏକ ସୁସଜ୍ଜିତ ଓ ସ୍ୱତନ୍ତ୍ର ଆୟୁର୍ବେଦ ଚିକିତ୍ସାଳୟର ଆବଶ୍ୟକତା ରହିଥିବା ସଂଘ ପକ୍ଷରୁ ଦର୍ଶାଯାଇଛି । ଆୟୁର୍ବେଦ ଚିକିତ୍ସା ଭାରତୀୟ ପାରମ୍ପରିକ ଚିକିତ୍ସା ପଦ୍ଧତିର ଏକ ପ୍ରମୁଖ ଅଂଶ ହୋଇଥିବାରୁ ଏହାକୁ ଅଧିକ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ନିକଟରେ ଉନ୍ନତମାନର ଆୟୁର୍ବେଦ ଚିକିତ୍ସା ସେବା ପହଂଚାଇବା ଦିଗରେ ଏପରି ଚିକିତ୍ସାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି ଡାକ୍ତରମାନେ ମତ ରଖିଛନ୍ତି । ସଂଘ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଭଦ୍ରକ ସଦର ମହକୁମାରେ ଆୟୁର୍ବେଦ ଚିକିତ୍ସାଳୟ ଖୋଲିବା ସହ ଆବଶ୍ୟକ ଭିତିଭୂମି, ଚିକିତ୍ସା ସୁବିଧା ଓ ଆବଶ୍ୟକ ମାନବସମ୍ବଳ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି । ଏହାଦ୍ୱାରା ଭଦ୍ରକ ଜିଲ୍ଲାର ଲୋକମାନେ ନିଜ ଜିଲ୍ଲାରେ ଆୟୁର୍ବେଦ ଚିକିତ୍ସାର ସୁବିଧା ପାଇପାରିବେ ବୋଲି ସଂଘ ଆଶା ପ୍ରକାଶ କରିଛି । ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ବିଭିନ୍ନ ରୋଗର ଚିକିତ୍ସା ସହ ରୋଗ ପ୍ରତିରୋଧକ ଶକ୍ତି, ସୁସ୍ଥ ଜୀବନଶୈଳୀ ଓ ପ୍ରାକୃତିକ ଚିକିତ୍ସା ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଏ । ତେଣୁ ଭଦ୍ରକ ଭଳି ଏକ ବଡ଼ ଜିଲ୍ଲାର ସଦର ମହକୁମାରେ ଏକ ସ୍ୱତନ୍ତ୍ର ଆୟୁର୍ବେଦ ଚିକିତ୍ସାଳୟ ପ୍ରତିଷ୍ଠା ହେଲେ ସହର ସମେତ ଜିଲ୍ଲାର ବିଭିନ୍ନ ଅଂଚଳର ଲୋକେ ଉପକୃତ ହୋଇପାରିବେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ସ୍ମାରକପତ୍ର ଗ୍ରହଣ କରି ଶ୍ରୀ ମନମୋହନ ସାମଲ ଏହି ଦାବି ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଓ ଉଚିତ ସ୍ତରରେ ଆଲୋଚନା କରିବା ନେଇ ପ୍ରତିଶ୍ରୁତି ଦେଇ ଥିବା ଜଣାପଡ଼ିଛି । ଭଦ୍ରକରେ ଆୟୁର୍ବେଦ ଚିକିତ୍ସାଳୟ ପ୍ରତିଷ୍ଠା ହେଲେ ଏହା ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବା ସହ ଆୟୁର୍ବେଦ ଚିକିତ୍ସାକୁ ଆହୁରି ଲୋକାଭିମୁଖୀ କରିପାରିବ ବୋଲି ଭଦ୍ରକ ଆୟୁର୍ବେଦ ଚିକିତ୍ସକ ସଂଘ ଆଶା ପ୍ରକାଶ କରିଛି । ଜିଲ୍ଲାରେ ଆୟୁର୍ବେଦ ଚିକିତ୍ସା ସେବାର ବିକାଶ ଓ ସାଧାରଣ ଲୋକଙ୍କୁ ଉତମ ଚିକିତ୍ସା ସୁବିଧା ଯୋଗାଇବା ଦିଗରେ ସରକାର ଏହି ଦାବିକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି ।

# ମୌଳିକ ସୁବିଧା ପାଲଟିଛି ସାତସପନ

ଚମ୍ପୁଆ : (ହି.ସ.)- କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷିତ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ନିଜର ଭିଟାମାଟି ହରାଇଥିବା ବିସ୍ଥାପିତମାନେ ଏବେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ପ୍ରକଳ୍ପ ଯୋଗୁଁ ଚମକପୁର ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇ ନାରଦପୁରସ୍ଥିତ ଲୁଣି ସାହିରେ ନିଜସ୍ୱ ଖର୍ଚ୍ଚରେ ଘରଡ଼ିହ କ୍ରୟ କରି ବସବାସ କରୁଛନ୍ତି । ତେବେ ବସତି ସ୍ଥାପନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏହି ସାହିରେ ସର୍ବନିମ୍ନ ମୌଳିକ ସୁବିଧାର ଘୋର ଅଭାବ ଦେଖାଦେଇଛି । ଯାହାକୁ ନେଇ ସାହିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କାନୁପୁର ପ୍ରକଳ୍ପ ଜରିଆରେ ଏଠାରେ ଏକ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି । କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ସାହିବାସୀଙ୍କୁ ନିୟମିତ ଭାବେ ପାନୀୟ ଜଳ ମିଳିପାରୁ ନାହିଁ । ଜଳକଷ୍ଟ ସାଙ୍ଗକୁ ଯାତାୟାତ ସମସ୍ୟା ସ୍ଥିତିକୁ ଅଧିକ ଜଟିଳ କରିଛି । ଲୁଣି ସାହିରୁ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ କୌଣସି ସ୍ଥାୟୀ ପକ୍କା ରାସ୍ତା ନଥିବାରୁ ବିଶେଷ କରି ବର୍ଷାଦିନେ ଏହି ଅଂଚଳ କାଦୁଅରେ ପଚପଚ ହେଉଛି । ଏହା ଯୋଗୁଁ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଅଭିଯୋଗ ମୁତାବକ, ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନଥିବାରୁ ସଞ୍ଜ ନଇଁଲେ ସାରା ଅଂଚଳ ଅନ୍ଧାରରେ ବୁଡ଼ି ରହୁଛି । ଫଳରେ ରାତ୍ରିକାଳୀନ ଯାତାୟାତ ସମୟରେ ବିପଦ ଆଶଙ୍କା ଲାଗି ରହୁଛି । ଏହା ସହିତ ସାହିରେ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ସ୍ୱଚ୍ଛତା ସମ୍ବନ୍ଧୀୟ ବଡ଼ ସମସ୍ୟା ସୃଷ୍ଟି ହୋଇଛି, ଯାହା ମହିଳା ଓ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜାଉଛି । ନିଜର ହସଖୁସିର ଭିଟାମାଟିକୁ ବିକାଶ ନାଁରେ ତ୍ୟାଗ କରିଥିବା ଏହି ବିସ୍ଥାପିତ ପରିବାରଗୁଡ଼ିକ ଏବେ ପ୍ରଶାସନର ଦେଖାଶୁଣା ଅଭାବରୁ ଅସହାୟ ଅନୁଭବ କରୁଛନ୍ତି । ତୁରନ୍ତ ଏହି ଅଂଚଳର ଓଭରହେଡ୍ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ଏବଂ ପର୍ଯ୍ୟାପ୍ତ ଶୌଚାଳୟର ସୁବିଧା ଯୋଗାଇ ଦେବାକୁ ଲୁଣି ସାହିବାସୀ ଦୃଢ଼ ଦାବି କରିଛନ୍ତି ।



ମନ୍ତ୍ରୀ ରବିନାରାୟଣ ନାୟକଙ୍କ ସ୍ୱର୍ଗତ ମାତାଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ।

## ଆସନ୍ତା ୨୦ରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା

ଭୁବନେଶ୍ୱର : ଆସନ୍ତା ୧୯ ବା ୨୦ତାରିଖ ବେଳକୁ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଣ୍ଡମାନ ସାଗରଠାରେ ଏହା ସୃଷ୍ଟି ହେବ । ଏହି ଲଘୁଚାପ ଉପରକୁ ଉଠିବ ଓ ଓଡ଼ିଶା ଆଡ଼କୁ ଆସିବାର ସମ୍ଭାବନା ରହିଛି । ୧୮ରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ । ପରେ ୨୦ତାରିଖ ବେଳକୁ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ଆହୁରି ଘନୀଭୂତ ହୋଇ ବାତ୍ୟା ହେବାର ସମ୍ଭାବନା ଥିବା କହିଛନ୍ତି ପାଣିପାଗ ବିଶେଷଜ୍ଞ । ତେବେ ୧୮ବେଳକୁ ସ୍ପଷ୍ଟ ଚିତ୍ର ଆସିବ । ଲଘୁଚାପ ସୃଷ୍ଟି ହେଲେ ଏହା ପ୍ରଭାବରେ ରାଜ୍ୟର ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାକୁ ନେଇ ପୂର୍ବାନୁମାନ କରିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ରାଜ୍ୟରେ ବର୍ତ୍ତମାନ ମୌସୁମୀ ପ୍ରତ୍ୟାବର୍ତ୍ତନର ସ୍ଥିତି ନାହିଁ । ପ୍ରାୟତଃ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରେ ।











## ଇପିଏଫଓ ଦରମା ସୀମା ମାସିକ ୨୫,୦୦୦ଟଙ୍କା ବୃଦ୍ଧିକୁ ନେଇ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ 'କର୍ମଚାରୀ ଭବିଷ୍ୟ ନିଧି ସଂଗଠନ' (ଇପିଏଫଓ) ଅଧୀନରେ ବାଧ୍ୟତାମୂଳକ ଅନ୍ତର୍ଭୁକ୍ତିକରଣ ପାଇଁ ବେତନ ସୀମାକୁ ମାସିକ ୧୫,୦୦୦ ଟଙ୍କାରୁ ବୃଦ୍ଧି କରି ୨୫,୦୦୦ ଟଙ୍କା କରିବା ସମ୍ବନ୍ଧୀୟ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା । ଏକ ଏହି ନିଷ୍ପତି ଫଳରେ ୫୧ ଲକ୍ଷରୁ ଅଧିକ ଅତିରିକ୍ତ କର୍ମଚାରୀ ବାଧ୍ୟତାମୂଳକ ଇପିଏଫଓ ପରିସର ମଧ୍ୟକୁ ଆସିବେ ବୋଲି ଆଶା କରାଯାଉଛି । ଏହା ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବ । ୨୦୦୪ରୁ ୨୦୧୪ ମଧ୍ୟରେ ଇପିଏଫଓ ବେତନ ସୀମାରେ କୌଣସି ପରିବର୍ତ୍ତନ ହୋଇନଥିଲା । କିନ୍ତୁ ସେପ୍ଟେମ୍ବର ୨୦୧୪ରେ ଏହାକୁ ବୃଦ୍ଧି କରି ୧୫,୦୦୦ ଟଙ୍କା କରାଯାଇଥିଲା । ବର୍ତ୍ତମାନର ନିଷ୍ପତି କାରଣରୁ ସେହି ପ୍ରକ୍ରିୟା ଆଗକୁ ବଢ଼ି ବେତନ ସୀମା ୨୫,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହା ଗତ କିଛି ବର୍ଷ ମଧ୍ୟରେ ବେତନରେ ନିରନ୍ତର ବୃଦ୍ଧି, ଆୟରେ ଉନ୍ନତି ଏବଂ ଆନୁଷ୍ଠାନିକ ନିଯୁକ୍ତିର କ୍ରମାଗତ ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି । ବର୍ତ୍ତମାନ, ଯଦି ଜଣେ ନୂତନ କର୍ମଚାରୀ ମାସିକ ୧୫,୦୦୦ ଟଙ୍କାରୁ ଅଧିକ ବେତନରେ ନିଯୁକ୍ତି ପାଆନ୍ତି, ତେବେ ସେମାନେ ସ୍ୱତଃ ଇପିଏଫ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୁଅନ୍ତି ନାହିଁ । ବାଧ୍ୟତାମୂଳକ ଭବିଷ୍ୟ ନିଧି, ପେନସନ୍ ଓ ଆନୁଷଙ୍ଗିକ ବୀମା ସୁରକ୍ଷା ପରିସର ବାହାରେ ରହିଯାଆନ୍ତି । ସୀମାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିବା ଦ୍ୱାରା ୧୫,୦୦୦ ରୁ ୨୫,୦୦୦ ଟଙ୍କା ବେତନ ବର୍ଗରେ ଥିବା କର୍ମଚାରୀଙ୍କ ଏକ ବଡ଼ ଅଂଶ ଆଇନଗତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନକୁ ଆସିପାରିବେ । ଏହି ଅନୁମୋଦନ ଫଳରେ ପ୍ରଯୁଜ୍ୟ ଯୋଜନା ବ୍ୟବସ୍ଥା ଅନୁଯାୟୀ ଭବିଷ୍ୟ ନିଧି ସଂଚୟ, 'କର୍ମଚାରୀ ପେନସନ ଯୋଜନା' (ଇପିଏସ୍) ଅଧୀନରେ ପେନସନ ସୁରକ୍ଷା ଏବଂ 'କର୍ମଚାରୀ ଜମା-ସଂଯୁକ୍ତ ବୀମା ଯୋଜନା' (ଇଡିଏଲଆଇ) ଅଧୀନରେ ବୀମା ସୁରକ୍ଷା ପାଇବାର ସୁଯୋଗ ବୃଦ୍ଧି ପାଇବ । ଏହା ସହିତ, ଏହା ଆଇନଗତ ଅବଦାନ ଏବଂ ପେନସନ -ଯୋଗ୍ୟ ବେତନ ବ୍ୟବସ୍ଥାକୁ ବର୍ତ୍ତମାନର ବେତନ ସ୍ତର ସହିତ ଅଧିକ ଉପଯୁକ୍ତ ଭାବରେ ସମାନ୍ତରାଳ କରିବାରେ ସହାୟକ ହେବ । ସେପ୍ଟେମ୍ବର ୨୦୧୪ରେ ଶେଷ ଥର ପାଇଁ ବେତନ ସୀମା ସଂଶୋଧିତ ହେବା ପରଠାରୁ, ଭାରତରେ ବେତନରେ କ୍ରମାଗତ ବୃଦ୍ଧି, ଆୟରେ ଉନ୍ନତି ଏବଂ ଆନୁଷ୍ଠାନିକ ନିଯୁକ୍ତିର କ୍ରମାଗତ ସମ୍ପ୍ରସାରଣ ଦେଖିବାକୁ ମିଳିଛି । ଅନେକ ରାଜ୍ୟ ଏବଂ ବୃତି କ୍ଷେତ୍ରରେ, ସର୍ବନିମ୍ନ ବେତନ ମଧ୍ୟ ବିଦ୍ୟମାନ ସୀମା ନିକଟତର ହୋଇଛି । ତେଣୁ, ଏହି ସୀମାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିବା ଦ୍ୱାରା ବଢୁଥିବା ବେତନ ସ୍ତର ଅନୁଯାୟୀ ଇପିଏଫଓ ବ୍ୟବସ୍ଥାର ଅପଡେଟ୍ ହେବ ଏବଂ କର୍ମଜୀବୀଙ୍କ ଏକ ବୃହତର ବର୍ଗଙ୍କ ପାଇଁ ଆନୁଷ୍ଠାନିକ ସାମାଜିକ ସୁରକ୍ଷା ସୁବିଧା ଉପଲବ୍ଧ ହେବ । ଏହି ପଦକ୍ଷେପ ଦ୍ୱାରା ନିଯୁକ୍ତିକୁ ଆନୁଷ୍ଠାନିକ ରୂପ ଦେବା, କର୍ମଚାରୀଙ୍କୁ ଅନୁଷ୍ଠାନ ସହ ବଜାୟ ରଖିବା ଏବଂ ଅବସର ପରବର୍ତ୍ତୀ ଦୀର୍ଘକାଳୀନ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସମ୍ଭବ ହେବ ବୋଲି ଆଶା କରାଯାଉଛି । ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ସ୍ୱୟଂଚାଳିତ ଭାବରେ ବୈଧାନିକ ସାମାଜିକ ସୁରକ୍ଷା ଢାଂଚାରେ ଆଣି, ଏହି ନିଷ୍ପତି ଏହି ନୀତିକୁ ଦୃଢ଼ କରେ ଯେ ଆନୁଷ୍ଠାନିକ ନିଯୁକ୍ତି ସହିତ ପୋର୍ଟେବଲ୍ ଏବଂ ନିଶ୍ଚିତ ସାମାଜିକ ସୁରକ୍ଷା ରହିବା ଉଚିତ । ନିଯୁକ୍ତିଦାତାମାନଙ୍କ ପାଇଁ ମଧ୍ୟ, ବ୍ୟାପକ ସାମାଜିକ ସୁରକ୍ଷା କଭରେଜ୍ କର୍ମଚାରୀମାନଙ୍କୁ ବଜାୟ ରଖିବା, କର୍ମଚାରୀ ସ୍ଥିରତା ସୁନିଶ୍ଚିତ କରିବା, ମନୋବଳ ବୃଦ୍ଧି କରିବା ଏବଂ ଅଧିକ ସୁରକ୍ଷିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଚାରୀ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ ।

## ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୬.୦ ପାଇଁ ୱେବ ପୋର୍ଟାଲ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ




ନୂଆଦିଲ୍ଲୀ : କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ଜନ ଅଭିଯୋଗ ଏବଂ ପେନସନ, ପରମାଣୁ ଶକ୍ତି ଏବଂ ମହାକାଶ ରାଷ୍ଟ୍ରମନ୍ତ୍ରୀ, ଡକ୍ଟର ଜିତେନ୍ଦ୍ର ସିଂହ ଆଜି ସ୍ୱତନ୍ତ୍ର ଅଭିଯାନ ୬ ପାଇଁ ୱେବ୍ ପୋର୍ଟାଲ୍ ଆରମ୍ଭ କରି କହିଛନ୍ତି ଯେ ୨୦୧୪ ରେ ଆରମ୍ଭ ହୋଇଥିବା ସ୍ୱଚ୍ଛତା ଅଭିଯାନ ଏକ ସରଳ ସ୍ୱଚ୍ଛତା ପଦକ୍ଷେପରୁ ସମ୍ପୂର୍ଣ୍ଣ ସରକାର ଏବଂ ସମଗ୍ର ଦେଶର ଆନ୍ଦୋଳନରେ ପରିଣତ ହୋଇଛି, ଏବଂ ଏପର୍ଯ୍ୟନ୍ତ ସ୍କ୍ରାପ୍ ନିଷ୍କାସନ ମାଧ୍ୟମରେ ୫,୦୦୦ କୋଟି ଟଙ୍କା ରୋଜଗାର କରାଯାଇଛି, ଆଚରଣଗତ ପରିବର୍ତ୍ତନ ଆଣି, ସରକାରୀ କାର୍ଯ୍ୟରେ ଦକ୍ଷତା ବୃଦ୍ଧି କରି ଏବଂ ଅପଚୟରୁ ଆର୍ଥିକ ମୂଲ୍ୟ ସୃଷ୍ଟି କରି । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ଏହି ଅଭିଯାନ ସରକାରଙ୍କ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରେ ଏବଂ ନାଗରିକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ମୌଳିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ସମୟରେ ଏକ ଜାତୀୟ ଆହ୍ୱାନ କିପରି ଏକ ଜନ ଆନ୍ଦୋଳନରେ ପରିଣତ ହୋଇପାରେ ତାହା ଦର୍ଶାଏ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ସଚିବ ଶ୍ରୀମତୀ ନିବେଦିତା ଶୁକ୍ଳା ବର୍ମା; ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ ଶ୍ରୀ ଟି.କେ. ଅନିଲ କୁମାର; ଖଣି ମନ୍ତ୍ରଣାଳୟର ସଚିବ ଶ୍ରୀ କେଶବ ଚନ୍ଦ୍ର; ଡାକ ବିଭାଗର ସଚିବ ଶ୍ରୀ ସୁବ୍ରତ ଦାସ; ଗଣମାଧ୍ୟମ ପ୍ରତିନିଧିଙ୍କ ବ୍ୟତୀତ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଅଧିକାରୀ ଏବଂ ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଭିଯାନ ପ୍ରଦର୍ଶନ କରିଛି ଯେ ବ୍ୟବସ୍ଥିତ ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ଯଥେଷ୍ଟ ଆର୍ଥିକ ମୂଲ୍ୟ ସୃଷ୍ଟି କରିପାରିବ । ଗତ ପାଂଚ ବର୍ଷ ମଧ୍ୟରେ, ସ୍କ୍ରାପ୍ ନିଷ୍କାସନ ମାଧ୍ୟମରେ ୫,୦୦୦ କୋଟି ଟଙ୍କା ରୋଜଗାର କରାଯାଇଛି, ଯେତେବେଳେ ୧,୦୦୦ ଲକ୍ଷ ବର୍ଗଫୁଟ କାର୍ଯ୍ୟାଳୟ ସ୍ଥାନ ମୁକ୍ତ କରାଯାଇଛି, ୨୪ ଲକ୍ଷରୁ ଅଧିକ ସ୍ୱଚ୍ଛତା ଅଭିଯାନ ସ୍ଥାନ ହାତକୁ ନିଆଯାଇଛି ଏବଂ ଉନ୍ନତ ରେକର୍ଡ ପରିଚାଳନା ପାଇଁ ପ୍ରାୟ ୨ କୋଟି ଫାଇଲ ସଫା କରାଯାଇଛି । ଏହି ସଫଳତାଗୁଡ଼ିକ ସ୍ୱଚ୍ଛତା ବ୍ୟତୀତ ଅଭିଯାନର ପ୍ରସାରକୁ ସରକାରୀ ସମ୍ବଳର ଦକ୍ଷ ବ୍ୟବହାର, ପେଣ୍ଡିଂ ହ୍ରାସ, ସାର୍ବଜନୀନ ସ୍ଥାନର ଉତମ ବ୍ୟବହାର ଏବଂ ଅପଚୟକୁ ସମ୍ପତିରେ ପରିଣତ କରିବା ପ୍ରତିଫଳିତ କରେ । ସ୍ୱଚ୍ଛତା ପଦକ୍ଷେପର ଆରମ୍ଭକୁ ମନେ ପକାଇ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ୨୦୧୪ ମସିହାରେ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରାରମ୍ଭିକ ପ୍ରାଥମିକତା ମଧ୍ୟରେ ସ୍ୱଚ୍ଛତା ଥିଲା । ୧୫ ଅଗଷ୍ଟ, ୨୦୧୪ରେ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଏକ ମୂଳ ପ୍ରସଙ୍ଗକୁ ଶାସନ ଏଜେଣ୍ଡାର କେନ୍ଦ୍ରକୁ ଆଣିଥିଲା । ସେ କହିଛନ୍ତି ଯେ ଏହି ପଦକ୍ଷେପ ପାରମ୍ପରିକ ସ୍ଥିତାବସ୍ଥା ଦୃଷ୍ଟିକୋଣରୁ ପ୍ରତ୍ୟାବର୍ତ୍ତନ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସ୍ୱର ମଧ୍ୟ ସ୍ଥିର କରିଛି । ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସ୍ୱଚ୍ଛତା ଅଭିଯାନର ପ୍ରତିକ୍ରିୟା ଦର୍ଶାଉଛି ଯେ ଏକ ସ୍ପଷ୍ଟ ଜାତୀୟ ଆହ୍ୱାନ କିପରି ବ୍ୟାପକ ଜନ ଅଂଶଗ୍ରହଣ ଏବଂ ଆଚରଣଗତ ପରିବର୍ତ୍ତନ ଆଣିପାରେ । ବିଶେଷକରି ମହିଳାମାନଙ୍କ ପାଇଁ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱକୁ ମନେ ପକାଇ ସେ ଗ୍ରାମାଂଚଳ ଏବଂ ଉପନଗରୀୟ ଅଂଚଳରେ ମହିଳାମାନେ ସମ୍ମୁଖୀନ ହେଉଥିବା କଷ୍ଟ ଏବଂ ଅପର୍ଯ୍ୟାପ୍ତ ପରିମଳ ସୁବିଧା ଯୋଗୁଁ ସ୍କୁଲ ଯାଉଥିବା ଝିଅମାନେ ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ କହିଥିଲେ ।

## ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌହାନଙ୍କ ସହ ବନ୍ୟା ଏବଂ ଫସଲ କ୍ଷତିର ସମୀକ୍ଷା କଲେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ



ନୂଆଦିଲ୍ଲୀ : ବିହାରରେ ଦେଖାଦେଇଥିବା ଭୟଙ୍କର ବନ୍ୟା ସଙ୍କଟ ଏବଂ ଚାଷୀଙ୍କ ଫସଲର ବ୍ୟାପକ କ୍ଷତି ମଧ୍ୟରେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ ପାଳନ କରି, କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ବ୍ୟକ୍ତିଗତ ଭାବରେ ଭୂମି ପରିଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସମ୍ରାଟ ଚୌହାନ, ରାଜ୍ୟ ସରକାରଙ୍କ ମନ୍ତ୍ରୀ ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ଦଳ ସହିତ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ହାଜିପୁର, ବୈଶାଳୀ, ମୁଙ୍ଗେର ଏବଂ ଭାଗଲପୁର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକର ଏକ ବ୍ୟାପକ ଗସ୍ତ କରିଥିଲେ । କେତେବେଳେ ଡଙ୍ଗାରେ, କେତେବେଳେ ଟ୍ରାକ୍ଟରରେ, ଆଉ କେତେବେଳେ ଆକାଶ ମାର୍ଗରେ ସର୍ଭେ କରି, ସେ ବନ୍ୟା ପୀଡିତଙ୍କ ଯନ୍ତ୍ରଣା ବାଂଟିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ସ୍ପଷ୍ଟ ଭାବରେ ଆଶ୍ୱାସନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ବିହାରର ଲୋକଙ୍କ ସହିତ ପଥର ପରି ଠିଆ ହୋଇଛି ଏବଂ ପ୍ରତ୍ୟେକ ନାଗରିକଙ୍କୁ ଏହି ସଙ୍କଟ ଦୂର କରିବାରେ ସାହାଯ୍ୟ କରିବା ପାଇଁ ସମସ୍ତ ପ୍ରକାରର ଆର୍ଥିକ ଏବଂ ଭିତିଭୂମି ସହାୟତା ଯୋଗାଇ ଦେବ । ବିହାରର ଅନେକ ଜିଲ୍ଲାରେ ଗଙ୍ଗା ଏବଂ ଅନ୍ୟାନ୍ୟ ନଦୀର ଜଳସ୍ତର ରେକର୍ଡ ବୃଦ୍ଧି ଯୋଗୁଁ ହୋଇଥିବା ବନ୍ୟା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଏବଂ ସକ୍ରିୟ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶରେ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଦଳ ସହିତ ସିଧାସଳଖ ବିହାରରେ ପହଂଚିଥିଲେ ।

## ଏନଟିପିସି କୋରବା ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର : ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଛତିଶଗଡ଼ ଆନ୍ତଃରାଜ୍ୟ ଗଣମାଧ୍ୟମ ପରିଦର୍ଶନ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ, ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଏନ୍‌ଟିପିସି କୋରବା ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିମାନେ ଏକ ପ୍ରମୁଖ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର କାର୍ଯ୍ୟପ୍ରଣାଳୀକୁ ପ୍ରତ୍ୟକ୍ଷ ଭାବେ ଜାଣିବା ସହ ଏହାର ପରିଚାଳନା ପଦ୍ଧତି, ବୈଷୟିକ ପଦକ୍ଷେପ, ପରିବେଶ ସୁରକ୍ଷାମୂଳକ ପଦକ୍ଷେପ ଏବଂ ସମ୍ପ୍ରଦାୟ-କେନ୍ଦ୍ରିକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଅବଗତ ହେବାର ସୁଯୋଗ ପାଇଥିଲେ । ପ୍ରତିନିଧି ଦଳ ଏନ୍‌ଟିପିସି କୋରବାର କର୍ତ୍ତୃପକ୍ଷଙ୍କ ସହ ଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏନ୍‌ଟିପିସି କୋରବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ କିଶୋର ଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆଗନ୍ତୁକ ସାମ୍ବାଦିକମାନଙ୍କୁ ବିଦ୍ୟୁତ କେନ୍ଦ୍ରର ପ୍ରଦର୍ଶନ, କାର୍ଯ୍ୟପ୍ରଣାଳୀ ଏବଂ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଆଲୋଚନା ମାଧ୍ୟମରେ ସାମ୍ବାଦିକମାନେ ବିଦ୍ୟୁତ ଉତ୍ପାଦନ ଓ ଶକ୍ତି କ୍ଷେତ୍ରରେ ଏହି କେନ୍ଦ୍ରର ଅବଦାନ ସମ୍ପର୍କରେ ବାସ୍ତବ ଧାରଣା ହାସଲ କରିଥିଲେ । ୨,୬୦୦ ମେଗାୱାଟ୍ ସ୍ଥାପିତ କ୍ଷମତା ସହିତ ଏନ୍‌ଟିପିସି କୋରବା ୨୦୨୫-୨୬ ଆର୍ଥିକ ବର୍ଷରେ ୮୭.୭୧ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍ଏଫ) ହାସଲ କରିଥିଲା, ଯାହା ଏହି ଆର୍ଥିକ ବର୍ଷରେ ଏନ୍‌ଟିପିସିର ସମସ୍ତ ବିଦ୍ୟୁତ କେନ୍ଦ୍ର ମଧ୍ୟରେ ସର୍ବାଧିକ । କ୍ରମାଗତ ଛଅ ବର୍ଷ ଧରି ଏନ୍‌ଟିପିସିର ବିଭିନ୍ନ ବିଦ୍ୟୁତ କେନ୍ଦ୍ର ମଧ୍ୟରେ ଏହି କେନ୍ଦ୍ର ସର୍ବାଧିକ ପିଏଲଏଫ୍ ରେକର୍ଡ କରିଆସୁଛି । ଏହାଛଡ଼ା, ଚଳିତ ବର୍ଷରେ କେନ୍ଦ୍ରଟି ୯୪.୮୫ ପ୍ରତିଶତ ଘୋଷିତ କ୍ଷମତା ଏବଂ ୯୫.୩୩ ପ୍ରତିଶତ ଅନ୍-ବାର୍ ଉପଲବ୍ଧତା ହାସଲ କରିଛି । ଆଲୋଚନା ସମୟରେ ପ୍ରତିନିଧି ଦଳକୁ ସୂଚନା ଦିଆଯାଇଥିଲା ଯେ, ଏନ୍‌ଟିପିସି କୋରବା ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଗୋଆକୁ ବିଦ୍ୟୁତ ଯୋଗାଣ କରିଥାଏ । ୨୦୨୫-୨୬ ଆର୍ଥିକ ବର୍ଷରେ ଏନ୍‌ଟିପିସିର କୋଇଲାଭିତିକ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ମଧ୍ୟରେ ଏହି କେନ୍ଦ୍ର ସର୍ବାଧିକ ପରିଚାଳନାଗତ ଆୟ ମଧ୍ୟ ରେକର୍ଡ କରିଥିଲା ।

## ସୁଭଦ୍ରା ଯୋଜନାର ୨ ବର୍ଷ ପୂର୍ତ୍ତି ଅବସରରେ ଘରେ ଦୀପ ଜାଳିବାକୁ ଆହ୍ୱାନ ଦେଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାର ସଫଳ ଦୁଇ ବର୍ଷ ପୂରଣ ହେବ । ଏହି ଅବସରରେ ଆସନ୍ତାକାଲି ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟା ୬ ଟାରୁ ୭ ଟା ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଘରେ ଦୀପ ପ୍ରଜ୍ୱଳନ କରିବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତାକାଲି ମହିଳା ସଶକ୍ତୀକରଣ ଓ ଆତ୍ମସମ୍ମାନର ସଂକଳ୍ପ ଦିବସ ଭାବେ ପାଳନ କରାଯିବ । ଏହି ଅବସରରେ ରାଜ୍ୟର ସମସ୍ତ ଆଇ ଇସିଡିଏସ୍ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର ଓ ସିଡିପିଓ କାର୍ଯ୍ୟାଳୟଗୁଡ଼ିକରେ ରଙ୍ଗୋଲି ପ୍ରତିଯୋଗିତା ଏବଂ ସବିଶେଷ ସମାରୋହ ଆୟୋଜନ କରାଯିବ । ଏଥିସହ ପୋଷଣ ଅଭିଯାନ ମାଧ୍ୟମରେ ଓଡ଼ିଶାକୁ ୧୦୦% କୁପୋଷଣମୁକ୍ତ କରି ଏକ ସୁପୋଷିତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ୫ଟି କିସ୍ତି ଜରିଆରେ ୧ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨୫,୮୦୦ କୋଟି ଟଙ୍କା ସହାୟତା ହସ୍ତାନ୍ତର କରାଯାଇଛି । ଆଇଆଇଏମ୍ ସମ୍ବଲପୁର, ଏସବିଆଇ ଏବଂ ନୀତି ଆୟୋଗର ଆକଳନ ଅନୁଯାୟୀ, ଏହି ଯୋଜନା ଫଳରେ ରାଜ୍ୟର ୨୬ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା ନିଜସ୍ୱ ଉଦ୍ୟୋଗୀ ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ମହିଳା ସଶକ୍ତୀକରଣ, ମର୍ଯ୍ୟାଦା ଓ ସ୍ୱାବଲମ୍ବନର ଭାବନାକୁ ଉତ୍ସବ ଆକାରରେ ପାଳନ କରିବାକୁ ଆହ୍ୱାନ ଜଣାଇଛନ୍ତି ।

## ବିଶ୍ୱ ପାରା ସୁଟିଂ ଭାରତକୁ ସ୍ୱର୍ଣ୍ଣ, ରୌପ୍ୟ



ଚାଙ୍ଗୱନ: ଭାରତୀୟ ପାରା ସୁଟରମାନେ ଚଳିତ ଚାଙ୍ଗୱନ୍ ୨୦୨୬ ଡବ୍ଲ୍ୟୁଏସ୍‌ପିଏସ୍ ପାରା ସୁଟିଂ ବିଶ୍ୱ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଦଳଗତ ଇଭେଂଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ କରିଛନ୍ତି । ମିଲି ଶାହ, ମୋନା ଅଗ୍ରୱାଲ ଓ ଅବନୀ ଲେଖାରାଙ୍କୁ ନେଇ ଗଠିତ ଭାରତୀୟ ଦଳ ଆର୨ ମହିଳା ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂ ଏସ୍‌ଏଚ୍‌୧ ଦଳଗତ ଇଭେଂଟରେ ସ୍ୱର୍ଣ୍ଣ ଜିତିଥିଲେ । ସେହିଭଳି ରାକେଶ ନିଦାଗୁଣ୍ଡି, ଆନନ୍ଦ କ୍ରିଷ୍ଣା, ସ୍ୱରୂପ ଉନ୍‌ହଲ୍‌କାରଙ୍କ ନେଇ ଗଠିତ ଭାରତୀୟ ଦଳ ଆର୧ ପୁରୁଷ ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍‌୧ ଦଳଗତ ଇଭେଂଟ୍‌ରେ ରୌପ୍ୟ ପାଇଥିଲେ । ୫ ସିରିଜ୍‌ରେ ଏମାନେ ୧୮୩୬.୩ ସ୍କୋର କରିଥିଲେ । ମହିଳା ଦଳ ୧୮୭୮.୬ ସ୍କୋର କରିଥିଲେ । ବ୍ୟକ୍ତିଗତ ବର୍ଗରେ ମୋନା ଓ ଅବନୀ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ ।

## ଜାନୁଆରୀ ୧୪ରୁ ଆରମ୍ଭ ହେବ ମହିଳା ପ୍ରିମିୟର ଲିଗ୍




ନୂଆଦିଲ୍ଲୀ : ମହିଳା ପ୍ରିମିୟର ଲିଗ୍‌ର ଆଗାମୀ ସିଜନକୁ ନେଇ ବଡ଼ ଘୋଷଣା କରିଛି ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ । ଆଜି ବିସିସିଆଇ ପକ୍ଷରୁ ଡବ୍ଲୁପିଏଲ ୨୦୨୭ର ତାରିଖ ଘୋଷଣା କରାଯାଇଛି । ଆସନ୍ତା ସିଜନର ଅକ୍ସନ୍ ଅକ୍ଟୋବର ୨୮ରେ କୋଚିରେ ଅନୁଷ୍ଠିତ ହେବ । ସେହିପରି ଟୁର୍ଣ୍ଣାମେଂଟ ଜାନୁଆରୀ ୧୪ରୁ ଫେବ୍ରୁଆରୀ ୭ ମଧ୍ୟରେ ଖେଳାଯିବ । ତେବେ ଏପର୍ଯ୍ୟନ୍ତ ମ୍ୟାଚର ସମ୍ପୂର୍ଣ୍ଣ ଫିକ୍ସଚର ଘୋଷଣା କରାଯାଇନାହିଁ । ଅର୍ଥାତ୍ କେଉଁ ଦଳ କେଉଁ ଦଳ ବିପକ୍ଷରେ ଖେଳିବ, ସେନେଇ ସୂଚୀ ପରେ ପ୍ରକାଶ ପାଇବ । ମହିଳା ପ୍ରିମିୟର ଲିଗ୍ ୨୦୨୭ ହେବ ଏହି ଲିଗର ପଂଚମ ସିଜନ୍ । ନୂଆ ସିଜନ୍ ପୂର୍ବରୁ ସମସ୍ତ ୫ଟି ଦଳକୁ ନିଜ ନିଜ ରିଟେନ୍ ଏବଂ ରିଲିଜ୍ ଖେଳାଳିଙ୍କ ତାଲିକା ଦେବାକୁ ପଡ଼ିବ । ଏଥିପାଇଁ ସେପ୍ଟେମ୍ବର ୨୮, ୨୦୨୬କୁ ପ୍ଲେୟର ରିଟେନସନର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ଅର୍ଥାତ୍ ଅକ୍ସନର ପ୍ରାୟ ଏକ ମାସ ପୂର୍ବରୁ ଦଳଗୁଡ଼ିକୁ ନିଜ ଖେଳାଳି ତାଲିକା ଦେବାକୁ ହେବ । ଡଚଖର ପ୍ରତ୍ୟେକ ଦଳର ସ୍କ୍ୱାଡରେ ସର୍ବାଧିକ ୧୮ ଜଣ ଖେଳାଳି ରହିପାରିବେ । ଏଥିରେ ସର୍ବାଧିକ ୬ ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରାଯାଇପାରିବ । ଏହା ସହ ଅକ୍ସନରେ କୌଣସି ଖେଳାଳିଙ୍କ ମୂଲ୍ୟ ୧୫ କୋଟି ଟଙ୍କାରୁ ଅଧିକ ହେବ ନାହିଁ । ମହିଳା ପ୍ରିମିୟର ଲିଗ୍ ୨୦୨୭ର ଭେନ୍ୟୁକୁ ନେଇ ବିସିସିଆଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଘୋଷଣା ହୋଇନାହିଁ । ତେବେ ରିପୋର୍ଟ ଅନୁସାରେ ଭଦୋଦରା ଏବଂ ମୁମ୍ବାଇରେ ମ୍ୟାଚ୍ ଆୟୋଜନ କରାଯାଇପାରେ । ଏହା ସହ ବାରାଣସୀରେ ନିର୍ମାଣ ହେଉଥିବା ନୂଆ ଷ୍ଟାଡିୟମରେ ମଧ୍ୟ ଡଚଖ ମ୍ୟାଚ୍ ଖେଳାଯିବା ନେଇ ଚର୍ଚ୍ଚା ରହିଛି । ତେବେ ଷ୍ଟାଡିୟମର ପ୍ରସ୍ତୁତି ଉପରେ ଏହା ନିର୍ଭର କରିବ ।


Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି